## ଲକ୍ଷ୍ମଣନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାଲେଶ୍ୱର, ୩୧।୧ (ସମିସ) :** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୪୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲାର ୨ୟ ସର୍ବ ପୁରାତନ ଐତିହାସିକ ଶିକ୍ଷାନୁଷ୍ଠାନର ଉତ୍ସବରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶ୍ୟାମା ଚରଣ ଦାସ, ମୁଖ୍ୟବକ୍ତା ସାରସ୍ୱତ ସାଧକ କବି ବସନ୍ତ ଦାସ ଯୋଗଦେଇ ବିଦ୍ୟାଳୟର ଐତିହାସିକ ଗାରିମା ଓ ଆଦର୍ଶ ବଜାୟ ରଖିବାକୁ କମିଟି ଶିକ୍ଷକ ଓ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ବରେଣ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଯୁବ ସମାଜସେବୀ ମିହିର ଭୂୟାଁ ଉପାଦେୟ ଭାଷଣ ରଖିଥିଲେ। ସମ୍ମାନିତ ଅତିଥି ରୂପେ ସରପଞ୍ଚ ରଞ୍ଜନ ମହାନ୍ତି, ସମିତି ସଭ୍ୟ ଜିତେନ୍ଦ୍ର ଦାସ, ଜ୍ୟୋତ୍ସ୍ନା ରାଣୀ ପ୍ରଧାନ, ସିଆରସିସି ସୁବେଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ପ୍ରଥମ ପର୍ଯ୍ୟାୟରେ ଏହି ବିଦ୍ୟାଳୟ ୫-ଟିରେ ସାମିଲ ହେବା ଓ ମନ୍ତ୍ରୀଙ୍କ ପୋଷ୍ୟ ଅନୁଷ୍ଠାନ ଭାବେ ରୂପାନ୍ତରିତ ହୋଇ ବିକଶିତ ହୋଇ ପାରିଛି ବୋଲି ମତ ରଖିଥିଲେ। ଆୟୋଜିତ ସଭାରେ ଶିକ୍ଷକ ପ୍ରଦୀପ ଜେନା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ବିଶ୍ୱ ମୋହିନୀ ମଣ୍ଡଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଦେବଦତ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲା ବେଳେ କୃତି ଶିକ୍ଷାର୍ଥୀଙ୍କୁ ପୁରସ୍କାର ବିତରଣ କରା ଯାଇଥିଲା।

## ଦୁଇ ବାଲି ଗାଡ଼ି ଜବତ

**ସୋର, ୩୧।୧(ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରୁ ଦୁଇଟି ବେଆଇନ ବାଲି ବୋଝେଇ ଡମ୍ପରକୁ ଖଣି ବିଭାଗ ତରଫରୁ ଚଢ଼ଉ କରାଯାଇ ଜବତ କରାଯାଇଛି। ଖଣି ଅଧିକାରିଣୀ ସନ୍ତୋଷିନୀ ସେଠୀଙ୍କ ନେତୃତ୍ୱରେ ଏକ ଟିମ ତଳନଗର ନିକଟରେ ଭଦ୍ରକରୁ ବାଲି ବୋଝେଇ କରି ଆସୁଥିବା ଡମ୍ପରର କାଗଜପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ଦୁଇଟି ଡମ୍ପର ବେଆଇନ ଭାବେ ବାଲି ଚାଲାଣ କରୁଥିବା ଜାଣିପାରି ଡମ୍ପର ଦୁଇଟିକୁ ଜବତ କରି ସୋର ପୁଲିସ ଜିମା ଦେଇଛନ୍ତି। ସୋର ପୁଲିସ ଡମ୍ପର ଦୁଇଟିକୁ ଥାନାରେ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

ଆଜି କେନ୍ଦ୍ର ସରକାରଙ୍କ ଅନ୍ତରୀଣ ବଜେଟ୍

# ଦୀଘା-ଜଳେଶ୍ୱର ରେଳପଥର ଖୋଲିବ କି ଭାଗ୍ୟ

**ବାଲେଶ୍ୱର, ୩୧।୧(ସମିସ) :**

ଗୁରୁବାର ସଂସଦରେ ଉପସ୍ଥାପିତ ହେବ କେନ୍ଦ୍ର ସରକାରଙ୍କ ଶେଷ ଅନ୍ତରୀଣ ବଜେଟ। ସାଧାରଣ ନିର୍ବାଚନକୁ ଆଉ ମାତ୍ର ୩ ମାସ ବାକି ଥିଲାବେଳେ ଏହି ଅନ୍ତରୀଣ ବଜେଟକୁ ନେଇ ବିଭିନ୍ନ ମହଲରେ ପ୍ରବଳ ଉତ୍କଣ୍ଠା ଦେଖାଦେଇଛି। ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ରେଳ ମନ୍ତ୍ରଣାଳୟକୁ ଅଧିକ ରାଜସ୍ୱ ପ୍ରଦାନ କରୁଥିଲେ ମଧ ଓଡ଼ିଶାର ରେଳ ଭିତ୍ତିଭୂମି ବିକାଶକୁ କେନ୍ଦ୍ର ସରକାର ବିଶେଷ ଗୁରୁତ୍ୱ ଦେଉନଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଏବେ ପୁଣି ଏହାର ପୁନରାବୃତ୍ତି ହେବ ନା' ଓଡ଼ିଶା ରେଳବାଇର ବିକାଶ ପାଇଁ ନୂତନ ଫର୍ଦ୍ଦ ଖୋଲିବ ତାହାକୁ ନେଇ ସଂଶୟ ଲାଗି ରହିଛି। ପ୍ରତିବର୍ଷ ଭଳି ଓଡ଼ିଶା ରାଜ୍ୟ ସରକାର ବହୁ ପ୍ରତିକ୍ଷିତ ଉପକୂଳ ଗ୍ରୀନ କରିଡର୍ ଦୀଘା- ଜଳେଶ୍ୱର ନୂତନ ରେଳପଥ ନିର୍ମାଣ ପାଇଁ ଚଳିତ ବଜେଟରେ ବ୍ୟୟ ବରାଦ କରିବାକୁ ଦାବି କରିଛନ୍ତି। ୨୦୧୬ ମସିହା ଠାରୁ ଏହି ପ୍ରସ୍ତାବିତ ରେଳପଥ ପାଇଁ କୌଣସି ଅର୍ଥ ବରାଦ ହୋଇନଥିବାରୁ ଏହାର ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଛି। ତେବେ ପୂର୍ବରୁ ଜିଲ୍ଲାପାଳ ରହିଥିବା ଏବଂ ବାଲେଶ୍ୱରକୁ ଭଲପାଉଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ବହୁ ପ୍ରତିକ୍ଷୀତ ଦୀଘା- ଜଳେଶ୍ୱର ରେଳପଥ ପ୍ରକଳ୍ପର ଭାଗ୍ୟ ଖୋଲିବେ ବୋଲି ଆଶା କରାଯାଇଛି। ବିଭିନ୍ନ ମହଲରୁ ବାରମ୍ବାର ଦାବି ହେବା ଫଳରେ ଏହି ନୂତନ ରେଳପଥ ପ୍ରକଳ୍ପ କାର୍ଯ୍ୟକାରୀ କରାଇବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ଗତ ବର୍ଷ ବାଲେଶ୍ୱର ଜିଲ୍ଲା ଗସ୍ତରେ ଆସି ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଜଳେଶ୍ୱର ଷ୍ଟେସନ ଓ ଭୋଗରାଇ ବ୍ଲକର ବାବା ଚନ୍ଦନେଶ୍ୱର ମହାଦେବଙ୍କ ମନ୍ଦିରରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ସମବେତ ଜନଗଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଚଳିତ ଅନ୍ତରୀଣ ବଜେଟରେ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ନିଜର ପ୍ରତିଶ୍ରୁତି ରକ୍ଷା କରିବେ ବୋଲି ସମଗ୍ର ବାଲେଶ୍ୱରବାସୀ ଆଶା ବାନ୍ଧିଛନ୍ତି।

**ରେଳମନ୍ତ୍ରୀ ପାଳନ କରିବେ କି ପ୍ରତିଶ୍ରୁତି**

ଦୀର୍ଘ ଦଶନ୍ଧିର ଦାବି ଫଳରେ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତରେ ଦୀଘା-ଜଳେଶ୍ୱର ରେଳପଥ ପ୍ରକଳ୍ପ ପାଇଁ ୨୦୧୧ ମସିହା କେନ୍ଦ୍ର ୟୁପିଏ ସରକାରଙ୍କ ସମୟରେ ବାଟ ଫିଟିଥିଲା। ସମୁଦାୟ ୪୧ କିଲୋମିଟର ଦୀର୍ଘ ଏହି ପ୍ରସ୍ତାବିତ ବ୍ରଡଗେଜ ରେଳ ପ୍ରକଳ୍ପର ସର୍ଭେ ପାଇଁ ୨୦୧୧-୧୨ ଆର୍ଥିକ ବର୍ଷ ରେଳ ବଜେଟର ପ୍ରଥମ ପର୍ଯ୍ୟାୟରେ ୨ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ପରବର୍ତ୍ତୀ ୨୦୧୨-୧୩ ଆର୍ଥିକ ବର୍ଷ ରେଳ ବଜେଟରେ ୧.୫ କୋଟି, ୨୦୧୩-୧୪ରେ ୨ କୋଟି, ୨୦୧୪-୧୫ରେ ୫ କୋଟି ଏବଂ ୨୦୧୫-୧୬ରେ ଏହି ରେଳପଥ ପ୍ରକଳ୍ପ ପାଇଁ ମାତ୍ର ୨ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ପରବର୍ତ୍ତୀ ବଜେଟ ମାନଙ୍କରେ ଆଉ କୌଣସି ବ୍ୟୟବରାଦ ହୋଇନାହିଁ। ଏପର୍ଯ୍ୟନ୍ତ ଏହି ପ୍ରକଳ୍ପରେ ମାତ୍ର ୮.୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ରେଳବାଇ ବିଭାଗର ସରକାରୀ ତଥ୍ୟରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଏହି ପ୍ରସ୍ତାବିତ ରେଳପଥକୁ ୨୦୧୧ରେ କେନ୍ଦ୍ର ସରକାର ସବୁଜ ସଙ୍କେତ ଦେବା ସଙ୍ଗେ ସଙ୍ଗେ ଦକ୍ଷିଣପୂର୍ବ ରେଳବାଇ ଖଡଗପୁର ଡିଭିଜନର ତତ୍କାଳୀନ ଯନ୍ତ୍ରୀଙ୍କ ସହିତ ୪ ଜଣିଆ ବୈଷୟିକ ଟିମ ଏହାର ସର୍ଭେ କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ସମୁଦାୟ ୪୧ କିମି ମଧ୍ୟରୁ ପଶ୍ଚିମବଙ୍ଗରେ ୭ କିମି ଏବଂ ଓଡ଼ିଶା ମଧ୍ୟରେ ୩୪ କିମି ରହିଛି। ପ୍ରାରମ୍ଭିକ ସର୍ଭେ ଅନୁଯାୟୀ ଏହି ରେଳପଥ ପଶ୍ଚିମବଙ୍ଗର ଦୀଘା ଠାରୁ ଆରମ୍ଭ ହୋଇ ଭୋଗରାଇ ବ୍ଲକର ଚନ୍ଦନେଶ୍ୱର, କଖଡା, ଦେହୁର୍ଦ୍ଦା, କମର୍ଦ୍ଦା ହୋଇ ଜଳେଶ୍ୱର ବ୍ଲକର ଲକ୍ଷ୍ମଣନାଥ ରେଳଷ୍ଟେସନ ସହିତ ଯୋଡିବାର ପ୍ରସ୍ତାବ ରହିଥିଲା। ମାତ୍ର ଏହି ପ୍ରସ୍ତାବିତ ରେଳପଥର ସର୍ଭେ ଶେଷ ହେବା ପରେ ଏବଂ ଜମି ଅଧିଗ୍ରହଣ ଆରମ୍ଭ ହେବା ପୂର୍ବରୁ ଏହାର ଗତିପଥ ନକ୍ସାରେ ପରିବର୍ତ୍ତନ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଥିଲା। ପରିବର୍ତ୍ତିତ ପରିବେଶକୁ ଦୃଷ୍ଟିରେ ରଖି ଏହି ରେଳପଥକୁ ଜଳେଶ୍ୱର ବଦଳରେ ରୁପ୍ସା ଜଙ୍କସନ ସହିତ ସଂଯୋଗ କରିବା ପାଇଁ ବିକଳ୍ପ ପ୍ରସ୍ତାବ ରଖାଯାଇଥିଲା। ଏହା ଦ୍ୱାରା ପଶ୍ଚିମବଙ୍ଗର ଦୀଘା ବେଳାଭୂମି ପର୍ଯ୍ୟଟନ କ୍ଷେତ୍ର ସହିତ ଓଡ଼ିଶାର ଭୋଗରାଇ ବ୍ଲକର ବିଶ୍ୱ ପ୍ରସିଦ୍ଧ ଉଦୟପୁର ଓ ତାଲସାରି ବେଳାଭୂମି, ବିଚିତ୍ରପୁର ଇକୋ ଟୁରିଜିମ ଓ ବାଲିଆପାଳ ବ୍ଲକର ଡଗରା ବେଳାଭୂମି ସମେତ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର, ଭୋଗରାଇ ବ୍ଲକର ବିଶ୍ୱ ପ୍ରସିଦ୍ଧ ବାବା ଚନ୍ଦନେଶ୍ୱର ଓ ବାବା ଭୂଷଣ୍ଡେଶ୍ୱର ଶୈବପୀଠ ସହ ଯୋଗାଯୋଗ ସମ୍ଭବ ହୋଇଥାନ୍ତା। ଅନ୍ୟପକ୍ଷରେ ପ୍ରସ୍ତାବିତ ରୁପ୍ସା-ଟାଟା ଭାୟା ବାରିପଦା ରେଳପଥ ସହିତ ସଂଯୋଗ କରାଯାଇ ଦିଲ୍ଲୀ, ମୁମ୍ବାଇକୁ ଗମନାଗମନ ଓ କୃଷିଜାତ ମାଲ ପରିବହନ କାର୍ଯ୍ୟ ସୁଗମ ହୋଇପାରିବ। ଏହାବ୍ୟତୀତ ଦୀଘା-ଜଳେଶ୍ୱର ଭାୟା ତମଲୁକ ରେଳପଥ ଦ୍ୱାରା ପୁରୀ-ହାୱଡା ରେଳପଥର ଦୂରତ୍ୱ ଶହେ କିମି ହ୍ରାସ ପାଇବ। ଏହି ପରିବର୍ତ୍ତିତ ରେଳପଥ ବାସ୍ତବାୟିତ ହେଲେ ଉଭୟ ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଉପକୂଳବର୍ତ୍ତୀ ଅଞ୍ଚଳର ଲୋକେ ସାମୁହିକ ଭାବେ ଉପକୃତ ହେବା ସହ ଦୁଇ ରାଜ୍ୟର ପର୍ଯ୍ୟଟନ, କୃଷି ଓ ବାଣିଜ୍ୟ କ୍ଷେତ୍ରର ବ୍ୟାପକ ବିକାଶ ହେବ। ଏହି ବହୁ ପ୍ରତିକ୍ଷୀତ ଉପକୂଳ୍ ଗ୍ରୀନ କରିଡର୍ ଦୀଘା-ଜଳେଶ୍ୱର ରେଳପଥକୁ ଅଗ୍ରାଧିକାର ଦେଇ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସମୁହ ଜିଲ୍ଲାବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ଉତ୍ସବ



**ପଞ୍ଚଲିଙ୍ଗେଶ୍ୱର, ୩୧।୧(ସମିସ):**

ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ସନ୍ତରାଗଡ଼ିଆ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ୨୦୨୩-୨୪ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରଫେସର ରମେଶ ଚନ୍ଦ୍ର ମିଶ୍ର ଯୋଗଦାନ ଦେଇ ବିଦ୍ୟାଳୟ ର ଉନ୍ନତି କରଣ ଶହ ଛାତ୍ରଛାତ୍ରୀ କିପରି ଭଲ ପଢ଼ି ଜିଲ୍ଲା ସ୍ତରରେ ନିଜ ନାମକୁ ବଜାୟ ରଖି ବିଦ୍ୟାଳୟ ର ନାମ କୁ ବଜାୟ ରଖିବେ ଏବଂ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ କିପରି ଛାତ୍ର ଛାତ୍ରୀ ମାନଂକୁ ସ୍ନେହ ଭରା ମୈତ୍ରୀ ଭାବ ନେଇ ଶିକ୍ଷା ପ୍ରଦାନ କରିବେ ବୋଲି ସେ ବିଷୟରେ ନିଜ ବକ୍ତବ୍ୟରେ ଜଣାଇ ଥିଲେ। କାର୍ଯ୍ୟକ୍ରମ କୁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱ ରେ ଆୟୋଜନ କରିବା ସହ ମଞ୍ଚ ପରିଚାଳନା ବିଦ୍ୟାଧର ବେହେରା କରିବା ସହ ମୁଖ୍ୟବକ୍ତା କାଳୀପଦ ପଣ୍ଡା, ସମ୍ମାନିତ ଅତିଥି ଭାବେ, ଅମରେନ୍ଦ୍ର କୁମାର ପଣ୍ଡା, ଡ. ଅକ୍ଷୟ କୁମାର ପାଣିଗ୍ରାହୀ, ମୁକ୍ତିକାନ୍ତ ବାରିକ, ଦୁଇ ନମ୍ବର ଜୋନର ଜିଲ୍ଲାପରିଷଦ ଉଷାରାଣୀ ରାଉଳ, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରସ୍ତମ ସେଠୀ, ସମିତିସଭ୍ୟ ଭୋଳାନାଥ ମାଝୀ, , ଆଦର୍ଶ ଶିକ୍ଷକ ସାଧନ ସଂଯୋଜକ ସଞ୍ଜୟ କୁମାର ପାତ୍ର, ବିଦ୍ୟାଳୟ କିମିଟି ର ପରିଚାଳନା ଉପସଭାପତି ଅନୁଜା ପରିଡ଼ା ପ୍ରମୁଖ ଯୋଗଦାନ ଦେଇଥିଲେ। ବିଶିଷ୍ଟ ଅତିଥି ରୂପେ ପ୍ରଦୀପ ଚକ୍ରବର୍ତ୍ତୀ ବିଦ୍ୟାଳୟ ଆନୁଷ୍ଠାନିକ ଭାଗବତ ବେହେରା, ରତ୍ନାକର ଯୋଗଦାନ ଦେଇ ବିଦ୍ୟାଳୟର ଉନ୍ନତି କାମନା କରିଥିଲେ।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ସୋର, ୩୧।୧(ସମିସ):** ସୋର ବ୍ଲକ ଦହିପୁର-ନୂଆପୁର ଭଜହରି ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁରେନ୍ଦ୍ର ପ୍ରସାଦ ବେହେରାଙ୍କ ଅବସରକାଳିନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ ସଙ୍ଗ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସୋର ବିଧାୟକ ପର୍ଶୁରାମ ଧଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକତାର କେବେହେଲେ ଅବସର ନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ବେହେରା ଜଣେ ଆଦର୍ଶ ଏବଂ ଛାତ୍ରବତ୍ସଳ ଥିଲେ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ଓଷ୍ଟା ସାଧାରଣ ସମ୍ପାଦକ ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ରାଜେଶ ମହାପାତ୍ର, ଓଷ୍ଟା ଜିଲା ସମ୍ପାଦକ ବିଜୟ ପାତ୍ର, ରାଜ୍ୟ ସମ୍ପାଦକ ପ୍ରଣବ ଜେନା, ମଧୁସୂଦନ ଦେ, ସରପଞ୍ଚ ବାଞ୍ଛାନିଧି ମଲିକ, ସମିତିସଭ୍ୟା ରୀନାରାଣୀ ଜେନା, ବ୍ଲକ ଓଷ୍ଟା ସଭାପତି ରାମଚନ୍ଦ୍ର ପୃଷ୍ଟି, ରାମଚନ୍ଦ୍ର ପଣ୍ଡା, ମହେଶ୍ୱର ଭୋଇ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ବିଦାୟୀ ପ୍ରଧାନ ଶିକ୍ଷକ ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଅଜୟ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ହରିହର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା ପଥପ୍ରାନ୍ତ ନାଟକ



**ଚନ୍ଦନେଶ୍ୱର, ୩୧।୧(ସମିସ) :** ଭୋଗରାଇର ବ୍ଲକ ଟୁକୁରୀହାଜିରା ପଞ୍ଚାୟତରେ ଓଡ଼ିଶା ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ସମ୍ପର୍କିତ ସଚେତନତା ପଥପ୍ରାନ୍ତ ନାଟକ କାର୍ଯ୍ୟକ୍ରମ ଆଜି ବୁଧବାର ଉଦଘାଟିତ ହୋଇଯାଇଛି। ଏହା ୫ଦିନ ବ୍ୟାପୀ ପଞ୍ଚାୟତର ବିଭିନ୍ନ ସ୍ଥାନରେ ହେବାକୁଥିବା ଥିବା ବେଳେ ଆଜି ପଞ୍ଚାୟତର ଫୁଲବଣୀ ଗ୍ରାମର ଫୁଲବଣୀ ସମାଜବାଡୀ, ନେତାଜୀ କ୍ଲବ୍ ଓ ପୋଷ୍ଟଅଫିସ ଛକରୁ ଆରମ୍ଭ ହୋଇଛି। ଭୋଗରାଇ ପଞ୍ଚାୟତ ସମିତି ଦ୍ୱାରା କାର୍ଯ୍ୟସୂଚୀ ଅନୁଯାୟୀ ପିଇଓ ତୁଷାର କାନ୍ତି ଜେନା ଦାୟିତ୍ୱରେ ଥିବା ବେଳେ ଏହାକୁ ପଞ୍ଚାୟତର ସରପଞ୍ଚ ଉପେନ୍ଦ୍ର ସାହୁ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ଦ୍ୱରା ପ୍ରଚଳନ ହୋଇଥିବା ବିଭିନ୍ନ ଜନହିତକର ସରକାରୀ ଯୋଜନା ସମ୍ବନ୍ଧୀରେ ପଥପ୍ରାନ୍ତ ନାଟକ ଓ ସଂକୀର୍ତ୍ତନ ମାଧମରେ ଅବଗତ କରାଯାଇଛି। ତେବେ ମୁଖ୍ୟତଃ ୫-ଟି ଅନ୍ତର୍ଭୁକ୍ତ ଯୋଜନା, ମମତା, ମୋ ସ୍କୁଲ, ସ୍ୱାସ୍ଥ୍ୟ ବୀମା, ଯୁବକ୍ରୀଡା, ଇତ୍ୟାଦି ୧୫ଗୋଟି ସରକାରୀ ଯୋଜନାକୁ ଲୋକଙ୍କ ନିକଟରେ ଉପସ୍ଥାପନ କରାଯାଇଛି। କୁଞ୍ଜବିହାରୀ ସଂକୀର୍ତ୍ତନ ଦଳ ତଥା ଜଗବନ୍ଧୁ ଦାସ, କବିତା ଦେ, ଝରଣା ମହାନ୍ତି, ସ୍ୱର୍ଣ୍ଣ ଲତା ପାତ୍ର, ନିରଞ୍ଜନ ପାତ୍ର ପ୍ରମୁଖ ଅଭିନୟ କରିଥିବା ବେଳେ ପ୍ରଶାନ୍ତ ଜେନା, ପଞ୍ଚାୟତର ପୂର୍ବତନ ସଦସ୍ୟ ବିକ୍ରମ କେଶରୀ ଚନ୍ଦ, ସୁଜିତ ଚନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**● ଗଣ୍ଡଗୋଳରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର**

## ଥାନା ଘେରଉ କଲେ ମହିଳାଙ୍କ ବାପଘର ଲୋକେ

**ରାଜଘାଟ, ୩୧।୧ (ସମିସ) :** ସିଂଲା ଥାନା କାଦରାୟାଁ ଗ୍ରାମରେ ପାରିବାରିକ ବିବାଦକୁ କେନ୍ଦ୍ର କରି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ସ୍ତ୍ରୀ ମୃତ ଓ ସ୍ୱାମୀ ଗୁରୁତର ହୋଇଛନ୍ତି। କାଦରାୟାଁ ଗ୍ରାମର କସିମୁଦ୍ଦିନ ଏବଂ ତାଙ୍କ ସ୍ତ୍ରୀ ୱାସେମୁନ ବିବିଙ୍କ ମଧ୍ୟରେ କୌଣସି କଥାକୁ ନେଇ କଥା କଟାକଟି ହେବା ସହିତ ବିବାଦ ଉଗ୍ରରୂପ ନେଇଥିଲା। ଫଳରେ ସ୍ୱାମୀ ସ୍ତ୍ରୀ ମାରଣାସ୍ତ୍ର ରେ ଉଭୟ ଉଭୟଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସ୍ତ୍ରୀ ୱାସେମୁନଙ୍କ ମୃତ୍ୟୁ ହୋଇଥିବା ବେଳେ କସିମୁଦ୍ଦିନ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ପରିବାର ଲୋକେ ପ୍ରଥମେ ବସ୍ତା ଡାକ୍ତରଖାନା ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାଲେଶ୍ୱର




ସ୍ଥାନାନ୍ତର କରାଯାଇଛି। ମାତ୍ର ୱାସେମୁନ ଙ୍କ ବାପଘର ଲୋକେ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଗତ ଛଅ ବର୍ଷ ତଳେ ସିଂଲା ଥାନା ପଥ ଦୁର୍ଗା ଗ୍ରାମର ୱାଯୁଦ୍ଦିନ ଖାଁ ଙ୍କ ଝିଅ ୱାସେମୁନ କୁ କାଦରାୟାଁ ଗ୍ରାମର କସିମୁଦ୍ଦିନ ଦ୍ୱିତୀୟ ବିବାହ କରିଥିଲେ। ବିବାହ ପରଠାରୁ ସବୁ ସମୟରେ ନିର୍ଯ୍ୟାତନା ଦେଇଆସୁଥିଲେ କସିମୁଦ୍ଦିନଙ୍କ ପରିବାର ଲୋକେ। ଏ ନେଇ ବିଭିନ୍ନ ସମୟରେ ଝିଅଘର ଓ ପୁଅ ଘର ଲୋକଙ୍କ ମଧ୍ୟରେ ସମାଧାନ ହୋଇଛି। ତେବେ ଗତକାଲି ଝିଅକୁ ହତ୍ୟା କରି ଭିନ୍ନ ମୋଡ଼ ଦେବାକୁ ଉଦ୍ୟମ କରାଯାଉଛି ବୋଲି ଝିଅର ବାପଘର ଲୋକେ ସିଂଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ଥାନା ଆଗରେ ବିକ୍ଷୋଭ କରିଛନ୍ତି।

## ପ୍ରାଧ୍ୟାପକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ବାଲିଆପାଳ, ୩୧।୧(ସମିସ):** କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପ୍ରାଧ୍ୟାପକ ଶଙ୍କର ମଣ୍ଡଳଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ହରପ୍ରିୟା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବିଦାୟୀ ଉତ୍ସବରେ ପ୍ରାଧ୍ୟାପକ ଶଙ୍କର ମଣ୍ଡଳଙ୍କ ଅଧ୍ୟାପନାଗତ ନିଷ୍ଠା ମହାବିଦ୍ୟାଳୟରେ ପ୍ରଶାସନିକ ଦକ୍ଷତା ଓ ଗୁଣବତା ସମ୍ବର୍ଦ୍ଧରେ ଅତିଥି ବକ୍ତବ୍ୟ ରଖିଥିଲେ। ଅତିଥି ଭାବରେ ପ୍ରାଧ୍ୟାପକ ବିଶ୍ୱମ୍ଭର ଜେନା, ରମେଶ ବାରିକ, ଅଧ୍ୟାପକ ବିଜୟ ଜେନା, କମଳାକାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରଭାତ ଜେନା, ପ୍ରଭାଂଶୁ ସି, ଦୟାନିଧି ସାହୁ, ବିଦ୍ୟାଧର କୁହ୍ଲାରୀ, ସରୋଜ ତ୍ରିପାଠୀ, ରାଧାକାନ୍ତ ମହାନ୍ତି, ରାଜୀବ ଲୋଚନ ମାଝୀ, ସନ୍ତୋଷ ମାହାନା, ଅଭିଳାଷ ବେହେରା, ଆଶିଷ ଓଝା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟ ପକ୍ଷରୁ ବିଦାୟୀ ପ୍ରାଧ୍ୟାପକଙ୍କୁ ଏକ ଶିକ୍ଷକ ସ୍ମାରକୀ ସମ୍ବର୍ଦ୍ଧନା ସହ ଶ୍ରଦ୍ଧା ଉପଢୌକନ ପ୍ରଦାନ କରାଯାଇଥିଲା।

## ଦେବୀ ମା' ସାତଭଉଣୀଙ୍କ ବାର୍ଷିକ ଉତ୍ସବ

**ବାହାନଗା, ୩୧।୧(ସମିସ):** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ କସବାଜୟପୁର ପଞ୍ଚାୟତ ଭାଲୁକା ରେ ଥିବା ପ୍ରତିଷ୍ଠିତ ଦେବୀ ମା' ସାତଭଉଣୀଙ୍କ ପୀଠରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ଉପ ସଭାପତି ସନ୍ତୋଷ ଖଟୁଆ ଯୋଗଦେଇ ମାଆଙ୍କ ଆର୍ଶୀବାଦ ନେବା ସହିତ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ଚକାଡୋଳା ଫାଉଣ୍ଡେସନ ପରିବାରର ସଭାପତି ପ୍ରଦ୍ୟୁମ୍ନ ଜେନା, ଗୀତାଞ୍ଜଳି ଜେନା, ମନୋଜ ସ, ଅଜିତ ଧଳ, ଶାନ୍ତନୁ ମହାପାତ୍ର, ଚନ୍ଦ୍ରଶେଖର ଦାସ ଏବଂ ପର୍ଶୁରାମ ଯେନାଙ୍କ ସହଯୋଗରେ ଭକ୍ତ ମାନଙ୍କ ପାଇଁ ଜଳଦାନର ବ୍ୟବସ୍ଥା କରାଯାଇଥିଲା। ଏହି ବାର୍ଷିକ ଉତ୍ସବରେ ହଜାର ହଜାର ଭକ୍ତ ଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଚକାଡୋଳା ଫାଉଣ୍ଡେସନ ର ତରଫରୁ ସମସ୍ତ ଭକ୍ତଙ୍କ ନିମନ୍ତେ ଜଳଦାନ ବ୍ୟବସ୍ଥା କରାଯାଇଥିଲା।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାଲିଆପାଳ, ୩୧।୧(ସମିସ):** ବାଲିଆପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନରହରି ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଅଧ୍ୟାପକ ଦୟାନିଧି ସାହୁ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ସିଆରସିସି ଅଶୋକ କୁମାର ଗିରି, ଆଲୁମିନି ସଭାପତି ସ୍ୱଚ୍ଛନ୍ଦା ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଳୀଚରଣ ଜେନା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ସହକାରୀ ଶିକ୍ଷକ ମନୋଜ କୁମାର ସାହୁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ସହିତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମମତାରାଣୀ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଅତିଥିଙ୍କ ଉଦ୍ଦେଶ୍ୟ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟରେ ଅନୁଷ୍ଠିତ ବାର୍ଷିକ କ୍ରୀଡାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଜ୍ଞା ମହାପାତ୍ର, ରାଧାରାଣୀ ବିଶ୍ୱାଳ, ଗାୟତ୍ରୀ ରାଉତ, ସନ୍ଧ୍ୟାରାଣୀ ଗିରି, ହେମପ୍ରଭା ଜେନା, ଶିକ୍ଷକ ଚନ୍ଦନ ପଣ୍ଡା, ଜୟନ୍ତ ପାତ୍ର, ଜୀବନକୃଷ୍ଣ ଜେନା, ସ୍ନେହଲତା ନାୟକ, ବୀଣାପାଣି ଲେଙ୍କା ତଥା ସମସ୍ତଛାତ୍ରୀମାନେ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଇତିଶ୍ରୀ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ।

## ୫ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ




**ଖଇରା, ୩୧।୧ (ସମିସ):**

ବୁଧବାର ଦିନ ଖଇରା ବ୍ଲକର ଡୁଙ୍ଗୁରା, ଅମରିଆ, ନହଙ୍ଗ, ଖଇରା ଓ କୁରୁଣ୍ଡା ଠାରେ ଆମ ଓଡ଼ିଶା ନବୀନ ଓଡ଼ିଶାରେ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ନହଙ୍ଗ ଓ ଖଇରା ଠାରେ ଆୟୋଜିତ ସଭାରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବକ୍ତବ୍ୟ ରଖି ଗତ ୨୪ବର୍ଷ ଧରି ନବୀନ ବାବୁଙ୍କ ନେତୃତ୍ୱରେ ରାଜ୍ୟ ସରକାର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଗ୍ରାମାଞ୍ଚଳରେ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ, ଜଗନ୍ନାଥ ସଂସ୍କୃତିର ଉନ୍ନତି ପଥେ ଆମ ଓଡ଼ିଶା ନବୀନ ଓଡ଼ିଶା ସଞ୍ଜୀବନୀ ଭଳି କାର୍ଯ୍ୟ କରୁଛି। ଏହି ଯୋଜନା ଗାଁଗହଳିର ଭିତ୍ତିଭୂମିକୁ ସୁଦୃଢ଼ କରିଛି ବୋଲି ବିଧାୟକ ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଥିଲେ। ନହଙ୍ଗ ପଞ୍ଚାୟତରେ ବିଧାୟକଙ୍କ ବ୍ୟତିତ ସରପଞ୍ଚ ରବୀନ୍ଦ୍ର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ମହଲା, ଅବସରପ୍ରାପ୍ତ ଶିକ୍ଷକ ମଦନମୋହନ ବେହେରା ଓ ରଘୁନାଥ ଜେନା ଅତିଥି ଭାବେ ଏବଂ ନିର୍ବାହୀ ଅଧିକାରୀଣୀ ଖୋଲଣା ମଢେଇ ମଞ୍ଚ ପରିଚାଳନା କରିଥିଲେ। ସେହିଭଳି ଖଇରା ସଭାମଞ୍ଚରେ ବିଧାୟକ ଶ୍ରୀ ପାଣିଗ୍ରାହୀ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସରପଞ୍ଚ ମାଳତୀ ସେଠୀ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପତ୍ରୀ ଓ ଅନ୍ତର୍ଯ୍ୟାମୀ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏମବିକେ ନିରୁପମା ନାୟକ ଓ ନିର୍ବାହି ଅଧିକାରୀ ନିରଞ୍ଜନ ଜେନା ମଞ୍ଚ ପରିଚାଳନା କରିଥିଲେ। ଅମରିଆ ପଞ୍ଚାୟତରେ କୈଳାସ ଚନ୍ଦ୍ର ପୃଷ୍ଟି ସଭା ପରିଚାଳନା କରିଥିବା ବେଳେ ସରପଞ୍ଚ ସସ୍ମିତା ଧିନ୍ଦା, ରାଧାକାନ୍ତ ଦାସ, ଚିତ୍ତରଞ୍ଜନ ପଣ୍ଡା, କିଶୋରୀ ପ୍ରଧାନ, ନିର୍ବାହୀ ଅଧିକାରୀ ମାନସୀ ସେଠୀ, ଏମବିକେ ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କୁରୁଣ୍ଡା ପଞ୍ଚାୟତରେ ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରାକ୍ତନ ସରପଞ୍ଚ ଅକ୍ଷୟ ମହାପାତ୍ର, ଅଜୟ ପଣ୍ଡା, ରମାକାନ୍ତ ପଣ୍ଡା, ରତ୍ନାକର ପଣ୍ଡା, ସାମ୍ବାଦିକ ତପୋଧନ ବାରିକ ଓ ମନୋଜ ପ୍ରଧାନ, ନିର୍ବାହୀ ଅଧିକାରୀ ହେମନ୍ତ ସାମଲ, ଏମବିକେ ମମତା ପ୍ରଧାନ, ଏଏନଏମ ସଞ୍ଜୁଲତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସରପଞ୍ଚ ପ୍ରକାଶ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡୁଙ୍ଗୁରା ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିଭାଧାରୀ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ବାଣିଜ୍ୟ ମେଳା ଏକ୍ସପୋ ଓଡ଼ିଶା -୨୦୨୪ର ଦ୍ୱିତୀୟ ଦିବସ

# ‘ଜିଲ୍ଲାରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ନେଇ ରହିଛି ଅପାର ସୁଯୋଗ’






**ବାଲେଶ୍ୱର, ୩୧।୧(ସମିସ)**

ଭାରତ ସରକାରଙ୍କ ଏମଏସଏମଇ ଉନ୍ନୟନ ସଂସ୍ଥା, ଓଡ଼ିଶା ସରକାରଙ୍କ ଏମଏସଏମଇ ବିଭାଗ, ବାଲେଶ୍ୱର ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘ ଓ ଉତର ଓଡ଼ିଶା ଶିଳ୍ପ ଓ ବାଣିଜ୍ୟ ମହାସଂଘ (ନୋସି) ମିଳିତ ସହଯୋଗରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ (ବିସିଆଇସି) ପକ୍ଷରୁ ଆରମ୍ଭ ହୋଇଥିବା ଜାତୀୟସ୍ତରର ଶିଳ୍ପ ପ୍ରଦର୍ଶନୀ ଓ ବାଣିଜ୍ୟ ମେଳା ‘ଏକ୍ସପୋ ଓଡ଼ିଶା -୨୦୨୪’ର ବୁଧବାର ଦ୍ୱିତୀୟ ଦିବସରେ ସ୍ଥାନୀୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବକୁ ରଙ୍ଗୀନ କରିଛି। ଦ୍ୱିତୀୟ ଦିବସରେ ଆୟୋଜିତ ସଭାରେ ଚାନ୍ଦିପୁରସ୍ଥିତ ପ୍ରୁଫ ଆଣ୍ଡ ଏକ୍ସପେରିମେଣ୍ଟାଲ ଏଷ୍ଟାବ୍ଲିଶମେଣ୍ଟ (ପିଏକ୍ସଇ)ର ନବ ନିଯୁକ୍ତ ନିର୍ଦ୍ଦେଶକ ସୁବୋଧ କୁମାର ନାୟକ ମୁଖ୍ୟଅତିଥ ôଭାବେ ଯୋଗଦେଇ କ୍ଷୁଦ୍ର ହେଉ କି ବୃହତ ଶିଳ୍ପ, ଜିଲ୍ଲାରେ ବିଜ୍ଞାନ ସମ୍ମତ ଶିଳ୍ପାୟନ ପାଇଁ ଉଦ୍ୟମ ହେବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ଯେମିତି ଗୋଟିଏ ସୂକ୍ଷ୍ମ ଚିନ୍ତନରୁ ବିଜ୍ଞାନର ସୃଷ୍ଟି ଠିକ୍ ସେହିପରି ଅନନ୍ୟ ଚିନ୍ତାଧାରାରୁ ହିଁ ଶିଳ୍ପର ସୃଷ୍ଟି। ଶିଳ୍ପ ଓ ବିଜ୍ଞାନ ଉଭୟ ଉଭୟଙ୍କର ପରିପୂରକ। ନୂତନ ଚିନ୍ତାଧାରଯୁକ୍ତ ଶିଳ୍ପାୟନ ପାଇଁ ଆବଶ୍ୟକୀୟ ବୈଷୟିକ ସହାୟତା ପ୍ରଦାନ ପାଇଁ ପିଏକ୍ସଇ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ ନେଇ ନିର୍ଦ୍ଦେଶକ ଶ୍ରୀ ନାୟକ ପ୍ରତିଶୃତି ଦେଇଥିଲେ।

ବାଲେଶ୍ୱର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ (ବ୍ରିଟ) ର ଅଧ୍ୟକ୍ଷ ଆଲୋକ କୁମାର ସାହୁ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଜିଲ୍ଲାରେ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ନେଇ ରହିଥିବା ଅପାର ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ପ୍ରଣବ କୁମାର ନାୟକ ଓ ହସ୍ତଶିଳ୍ପ ବିଭାଗର ଉପ ନିର୍ଦ୍ଦେଶକ ଅରୁଣ କୁମାର ମଣ୍ଡଳ ଏଥିରେ ଅନ୍ୟତମ ଅତିଥିଭାବେ ଯୋଗଦେଇ ଉଦ୍ୟୋଗୀମାନଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇ ନୂଆ ନୂଆ ଶିଳ୍ପ ପ୍ରତିଷ୍ଠା ପାଇଁ ଯୁବଗୋଷ୍ଠୀଙ୍କୁ ଆହ୍ୱାନ ଦେଇଥିଲେ। ଯୁବକମାନେ ଚାକିରୀ ଖଣ୍ଡିଏ ପାଇବା ପାଇଁ ବାହାର ରାଜ୍ୟକୁ ନ ଯାଇ ଏମଏସଏମଇ ମାଧ୍ୟମରେ ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠା କରି ନିଜେ ଆନେର୍ଭିରଶୀଳ ହେବା ସହ ଅନ୍ୟମାନଙ୍କ ନିମନ୍ତେ ନିଯୁକ୍ତିର ସୁଯୋଗ ସୃଷ୍ଟି ପାଇଁ ଅତିଥିଦ୍ୱୟ ଆହ୍ୱାନ ଦେଇଥିଲେ। ବିସିଆଇସିର ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ମାରୁ ଏଥିରେ ଅଧ୍ୟକ୍ଷତା କରିବା ସହିତ ଏକ୍ସପୋର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ସହ ସମ୍ପାଦକ ମୟୁର ଗୁପ୍ତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଏକ୍ସପୋରେ ଲୋକଙ୍କ ଭିଡ ବଢୁଥିବା ବେଳେ ବ୍ୟବସାୟିକ କାରବାର ମଧ୍ୟ ଭଲ ହେବ ବୋଲି ଆୟୋଜକମାନେ ଆଶାପ୍ରକାଶ କରିଛନ୍ତି। ତେବେ ୧ ତାରିଖ ଦିନ ଉତ୍ସବକୁ ମହିଳାଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯିବ ବୋଲି ବିସିଆଇସିର ସଭାପତି ସଞ୍ଜୟ ଦାସ ସୂଚନା ଦେଇଛନ୍ତି। ଏଥିରେ ବାଲେଶ୍ୱର ଜିଲ୍ଲାର ମହିଳା ଉଦ୍ୟୋଗୀମାନଙ୍କ ସହିତ ଜିଲ୍ଲା ପ୍ରଶାସନର ମହିଳା ଅଧିକାରୀମାନେ ଉପସ୍ଥିତ ରହି ସେମାନଙ୍କ ଅଭିଜ୍ଞତା ସମ୍ପର୍କରେ ଅନ୍ୟ ମହିଳାମାନଙ୍କୁ ପ୍ରେରଣା ଦେବେ ବୋଲି ଶ୍ରୀ ଦାସ କହିଛନ୍ତି। ପୂର୍ବରୁ ବାଲେଶ୍ୱର ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଭା ପରେ କୋଲକାତାର ଅର୍କେଷ୍ଟ୍ରା ଦଳ ସଙ୍ଗୀତ ବିଚିତ୍ରା ପ୍ରସ୍ତୁତ କରିଥିଲେ।

---

ଆୟ ବହିର୍ଭୂତ ସମ୍ପତ୍ତି ମାମଲା

## ଚାନ୍ଦବାଲି ବ୍ଲକର ପୂର୍ବତନ କନିଷ୍ଠଯନ୍ତ୍ରୀ ନିର୍ଦ୍ଦୋଷରେ ଖଲାସ

**ବାଲେଶ୍ୱର, ୩୧।୧(ସମିସ):** ବାଲେଶ୍ୱର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଶୀଖାରାଣୀ ରଥ ବୁଧବାର ଦିନ ଏକ ଆୟ ବହିର୍ଭୁତ ମାମଲାର ରାୟ ପ୍ରକାଶ କରି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ପୂର୍ବତନ କନିଷ୍ଠ ଯନ୍ତ୍ରୀ (ଜେ.ଇ.) ପ୍ରଫୁଲ୍ଲ କୁମାର ନାୟକଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ବିବରଣୀ ଅନୁଯାଇ ୨୦୦୧ ମସିହାରେ ଏକ ଗୁପ୍ତ ଖବର ଆଧାରରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ପୂର୍ବତନ କନିଷ୍ଠ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ନାୟକଙ୍କର ସରକାରୀ ବାସଭବନ ଏବଂ କୁଆଁଶ ମୌଜାର ତାଙ୍କ ଶଶୁର ଘର ଉପରେ ବାଲେଶ୍ୱର ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ ପୂର୍ବକ ଖାନତଲାସ୍ କରାଯାଇ ବ୍ୟାପକ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିଲା। ଖାନତଲାସ୍ ପରେ ତାଙ୍କ ନାମରେ ଭିଜିଲାନ୍ସ ବିଭାଗ ତରଫରୁ ଏତଲା ରୁଜୁ କରି ତଦନ୍ତ ଆରମ୍ଭ ହେଇଥିଲା। ତଦନ୍ତ ସମୟରେ ତାଙ୍କ ବିରୁଦ୍ଧରେ ଭିଜିଲାନ୍ସ ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ପରେ ଦଲିଲ ଓ ଦସ୍ତାବିଜ୍ ସହ ତାଙ୍କ ବିରୁଦ୍ଧରେ ୫ଲକ୍ଷ୬୪ ହଜାର ୭୧୩ ଟଙ୍କାର ଆୟ ବହିର୍ଭୂତ ସମ୍ପତି ଠୁଳ କରିଥିବାର ତଥ୍ୟ ଭିତ୍ତିକ ଚାର୍ଜସିଟ ଅଦାଲତରେ ଭିଜିଲାନ୍ସ ପକ୍ଷରୁ ଦାଖଲ କରାଯାଇଥିଲା। ଅଦାଲତ ଏହି ମାମଲାକୁ ବାଲେଶ୍ୱର ଟ୍ରାଏଲ କେସ୍ ନଂ- ୪୨୪/୨୦୦୭ରେ ପଞ୍ଜୀକୃତ କରି ବିଚାରାଧୀନ ରଖିଥିଲେ। ବିଚାରପତି ଏହି ମାମଲାରେ ୨୧ଜଣ ସାକ୍ଷୀ ଓ ୬୫ଟି ଦଲିଲ ଦସ୍ତାବିଜ୍ ଏବଂ ଅଭିଯୁକ୍ତଙ୍କ ତରଫରୁ ଜଣେ ସାକ୍ଷୀ ଓ ୧୨ଟି ଦଲିଲ ଦସ୍ତାବିଜକୁ ବିଚାର ପରିସରରେ ଗ୍ରହଣ କରିଥିଲେ। ପରେ ମାନ୍ୟବର ଅଦାଲତ ଉଭୟ ପକ୍ଷ ସାକ୍ଷ୍ୟ ମାନଙ୍କର ବୟାନ, ଦଲିଲ ଦସ୍ତାବିଜ୍ର ବିବରଣୀ ଏବଂ ଉଭୟ ପକ୍ଷ ଓକିଲଙ୍କର ଯୁକ୍ତ ଆଧାରରେ ନିର୍ଦ୍ଦିଷ୍ଟ ପ୍ରମାଣ ଅଭାବରୁ ଅଭିଯୁକ୍ତ ପୂର୍ବତନ କନିଷ୍ଠ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ନାୟକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ମକଦ୍ଦମାକୁ ଅଭିଯୁକ୍ତଙ୍କ ତରଫରୁ ବରିଷ୍ଠ ଆଇନ୍‌ଜୀବୀ ଅରବିନ୍ଦ ବାରିକଙ୍କ ସହ ଆଇନଜୀବୀ ଚନ୍ଦନ ସିଂହ, ଜୟନ୍ତୀ ବାରିକ, ଅର୍ଦ୍ଧେନ୍ଦୁ ବାରିକ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ




**ବାଲେଶ୍ୱର, ୩୧।୧(ସମିସ):** ମାନସିଂବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦ୍ୱିତୀୟ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଧାକୃଷ୍ଣ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଲକ୍ଷ୍ମୀନାରାୟଣ ମହାନ୍ତି ଯୋଗ ଦେଇ ଆଧ୍ୟାତ୍ମିକ ମନୋଭାବ ନେଇ ଉତ୍ତମ ଶିକ୍ଷାଦାନ ସହିତ ସଂସ୍କାରିତ ହୋଇ ପାରିଲେ ଭଲ ମଣିଷ ହୋଇପାରିବେ ବୋଲି ବକ୍ତବ୍ୟ ରଖିଥିଲେ। ପ୍ରତିଭାଶ୍ରୀର ମୁଖ୍ୟ ପ୍ରଶାନ୍ତ ଦାସ ମୂଖ୍ୟ ବକ୍ତା ଭାବେ ଯୋଗଦେଇ ଉଦାହରଣ ସ୍ୱରୂପ ଉତ୍ତମ ଶିକ୍ଷାଦାନର ମାର୍ଗ ଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ମଧୁସୂଦନ ଦାସ ଓ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନର ଜିଲ୍ଲା ପ୍ରମୁଖ ଦୀପ୍ତିକାନ୍ତ ପାଢ଼ୀ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଗୟାଧର କର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୁନି କୁନି ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା।

---

ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ସହାୟତା ବଣ୍ଟନ

## ୬୩୭ ନିର୍ମାଣ ଶ୍ରମିକଙ୍କୁ ମିଳିଲା ୩ କୋଟି




**ବାଲେଶ୍ୱର, ୩୧।୧(ସମିସ):** ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଆନୁକୂଲ୍ୟରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ଆଜି ବିଭିନ୍ନ ସରକାରୀ ସହାୟତା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରିଟ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକଙ୍କ ସାମାଜିକ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସହାୟତା ବେଶ୍ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ଏହି ଯୋଜନା ଦ୍ୱାରା ଓଡ଼ିଶାର ଲକ୍ଷ ଲକ୍ଷ ନିର୍ମାଣ ଶ୍ରମିକ ପରିବାର ଉପକୃତ ହୋଇପାରିଛନ୍ତି ବୋଲି କହିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଓ ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଯୋଜନା ଦ୍ୱାରା ନିର୍ମାଣ ଶ୍ରମିକ ପରିବାରଙ୍କୁ ଆଉ ଦୟନୀୟ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ ନାହିଁ ବୋଲି ମତ ଦେଇଥିଲେ। ରାଜ୍ୟ ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଶ୍ରମିକ ପରିବାରଙ୍କୁ ଜୀଇଁବାର ରାହା ଦେଖାଇଛି ବୋଲି ସେମାନେ କହିଥିଲେ। ଏହି ଅବସରରେ ଅତିଥିମାନେ ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ପରିବାରକୁ ବିଭିନ୍ନ ପ୍ରକାର ସହାୟତା ପ୍ରଦାନ କରିଥିଲେ। ୩୨୦ଜଣ ନିର୍ମାଣ ଶ୍ରମିକଙ୍କ ପରିବାରର କନ୍ୟା ବିବାହ ପାଇଁ ୧ କୋଟି ୫୯ ଲକ୍ଷ୨୫ହଜାର ଟଙ୍କା, ୬୮ଟି ପରିବାରକୁ ୧କୋଟି ୩୭ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା ଓ ୪୫ଟି ପରିବାରକୁ ୨ଲକ୍ଷ ୨୫ହଜାର ଟଙ୍କାର ଅନ୍ତ୍ୟେଷ୍ଟି କ୍ରିୟା ସହାୟତା, ନିର୍ମାଣ ଶ୍ରମିକଙ୍କ ସନ୍ତାନ ସନ୍ତତିଙ୍କ ଶିକ୍ଷାଗ୍ରହଣ ପାଇଁ ୨ଶହ ପରିବାରଙ୍କୁ ୧୫ଲକ୍ଷ ୨ହଜାର ୮ଶହଟଙ୍କା, ୪ଜଣ ମହିଳା ନିର୍ମାଣ ଶ୍ରମିକଙ୍କୁ ୪୦ହଜାର ଟଙ୍କାର ଗର୍ଭବତୀ ସହାୟତା ପ୍ରଦାନ କରାଯାଇଛି। ତେବେ ଜିଲ୍ଲାର ମୋଟ ୬୩୭ଜଣ ନିର୍ମାଣ ଶ୍ରମିକଙ୍କୁ ମୋଟ ୩ କୋଟି ୧୩ଲକ୍ଷ୯୨ହଜାର ୮ଶହଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜିଲ୍ଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ ଏଥିରେ ପୌରୋହିତ୍ୟ କରିବା ସହିତ ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ଓ ରାଜ୍ୟ ସରକାରଙ୍କ ସହାୟତାର ବିଭିନ୍ନ ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସହକାରୀ ଶ୍ରମ ଅଧିକାରୀ ଦୀପ୍ତିରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହକାରୀ ଶ୍ରମ ଅଧିକାରୀ ସ୍ମୃତିରେଖା ନାୟକ ଶେଷରେ ଧନ୍ୟବାଦ ଦେଇଥିଲେ।

---

## ଉର୍ସ ଉତ୍ସବ ଉଦ୍‌ଘାଟିତ



**ବାଲେଶ୍ୱର, ୩୧।୧(ସମିସ):** ବାଲେଶ୍ୱର ସହରର ଗଡ଼ଗଡ଼ିଆ ଛକ ନିକଟରେ ଅବସ୍ଥିତ ହଜରତ ଫକୀର ଶାହ ପୀର ବାବାଙ୍କ ୩ ଦିନିଆ ୮୬ ତମ ବାର୍ଷିକ ଉତ୍ସବ ‘ଉର୍ସ’ ଭାବାବେଗମୟ ପରିବେଶ ମଧ୍ୟରେ ଆଜି ଉଦଘାଟିତ ହୋଇଯାଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ ମୁସଲମାନ ସମ୍ପ୍ରଦାୟର ଶତାଧିକ ଶ୍ରଦ୍ଧାଳୁ ନିଷ୍ଠାର ସହ ପୀରବାବାଙ୍କୁ ପ୍ରାର୍ଥନା କରୁଥିବା ଦେଖିବାକୁ ମିଳିଛି। ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ତିନିଦିନ ବାବାଙ୍କ ଉର୍ସ ଉତ୍ସବ ପାଳନ ହେଉଥିବା ବେଳେ ଉତ୍ସବର ପ୍ରଥମ ଦିନରେ ଗୋସାଲ, କୋରାନ ପାଠ, ମିଲାତ ସରିଫ, ପ୍ରସାଦ ବିତରଣ ଓ ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳୁ ସ୍ଥାନୀୟ ପରମିଟ ଘାଟରୁ ପାଣି ଆଣାଯାଇ ବାବାଙ୍କ ଆସ୍ଥାନକୁ ପବିତ୍ର କରାଯିବା ପରେ ଚାଦର ଚଢ଼ାଯିବା ସହ ସାମୂହିକ କୋରାନ ପାଠ କରାଯାଇଥିଲା। ପଶ୍ଚିମବଙ୍ଗ ମେଦିନିପୁରର ମୌଲାନା ହଜରତ ସୟଦ ନୁର ତରସିତ ଅଲ୍ କାଦିର ଏଥିରେ ଯୋଗଦେଇ ବାବାଙ୍କ ଆସ୍ଥାନରେ ଚାଦର ଚଢ଼ାଇବା ସହ ସମାଜରେ ଭାଇଚାର ସ୍ଥାପନ ପାଇଁ ସର୍ବଦା ଉଦ୍ୟତ ହେବାକୁ ଶ୍ରଦ୍ଧାଳୁମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ଭକ୍ତମାନେ ଦିବସବ୍ୟାପୀ ବାବାଙ୍କୁ ଦର୍ଶନ କରି ଚାଦର ଚଢ଼ାଇଥିଲେ।

## ଉଦ୍ୟୋଗୀ ସଚେତନତା କାର୍ଯ୍ୟକ୍ରମ




**ବାଲେଶ୍ୱର, ୩୧।୧(ସମିସ):** ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଞ୍ଚୟ, ଋଣ, ବୀମା ପ୍ରଭୃତି ସେବା ପାଇବା ପାଇଁ ବ୍ୟାଙ୍କର ଆବଶ୍ୟକତା ରହିଛି। ବର୍ତ୍ତମାନ ଡିଜିଟାଲ ହେବା ପରେ ବ୍ୟାଙ୍କ ଗୁଡିକର ଲୋକପ୍ରିୟତା ବଢ଼ିଛି। ଗ୍ରାମାଞ୍ଚଳର ବାସିନ୍ଦାମାନେ ବ୍ୟାଙ୍କ ଗୁଡ଼ିକର ବିଭିନ୍ନ ସେବା ବିଷୟରେ ସଠିକ୍ ଭାବେ ଜାଣି ନଥିବା ଯୋଗୁଁ ବିଭିନ୍ନ ସମୟରେ ଠକାମୀର ଶିକାର ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସାଧନା ଫାଉଣ୍ଡେସନର ଅଧ୍ୟକ୍ଷା ସୁଜାତା ରାଣୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉଦ୍ୟୋଗୀ ସଚେତନତା କାର୍ଯ୍ୟକ୍ରମ ଯୁଧିଷ୍ଠିପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ ୟୁନିୟନ ବ୍ୟାଙ୍କ ମ୍ୟାନେଜେର ସନ୍ତୋଷ କୁମାର ସାହୁ, ଏମ.ଏସ.ଏମ ଇ. କଟକ ଶାଖାର ସହକାରୀ ନିର୍ଦ୍ଦେଶକ ଡ଼ ଶିବାନନ୍ଦ ନାୟକ, ଡିଆଇସି ବାଲେଶ୍ୱରର ଅମରଜ୍ୟୋତି କବି, ଯୁବ ଉଦ୍ୟୋଗୀ ବିରଜାପ୍ରଶନ୍ନ ଲାଲ, ନମିତା ଗିରି ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଗ୍ରାହକମାନଙ୍କୁ ଆର୍ଥିକ ସାକ୍ଷରତା ଉପରେ ତାଲିମ ପ୍ରଦାନ କରିବା ସହ ସୁରକ୍ଷିତ ବ୍ୟାଙ୍କ ଜମା, ସୁରକ୍ଷିତ ଆର୍ଥିକ ବିନିଯୋଗ, ବ୍ୟାଙ୍କିଙ୍ଗ ସମସ୍ୟା ଏବଂ ଏ ଗୁଡ଼ିକର ସମାଧାନ, ସରକାରୀ ବୀମା ଯୋଜନା ଆଦି ବିଷୟରେ ଦୃଶ୍ୟ ଶ୍ରାବ୍ୟ ପଦ୍ଧତିରେ ଆଲୋଚନା କରିଥିଲେ। ଲୋକମାନଙ୍କ ବିଭିନ୍ନ ପ୍ରଶ୍ନ ଗୁଡିକର ଉତ୍ତର ମଧ୍ୟ ଦେଇଥିଲେ।

---

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

**ବାଲେଶ୍ୱର, ୩୧।୧ (ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ରସଲପୁର ଠାରେ ବାଲେଶ୍ୱର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବୁଧବାର ଅସହାୟ ଗରିବ, ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଅନୁଷ୍ଠିତ ସଭାରେ ଦିଲ୍ଲୀପ କୁମାର କାମିଲା ଅଧ୍ୟକ୍ଷତା କରିଥିଲେ। ବାଲେଶ୍ୱର ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ସମ୍ପାଦକ ଦାମୋଦର ନାୟକ, ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, କାର୍ଯ୍ୟକାରୀ ସଦସ୍ୟ ଶ୍ୟାମସୁନ୍ଦର ଜେନା, ଗୋଛିଦାତେଘରୀ ସରପଞ୍ଚ ରାଜେଶ୍ୱରୀ କାମିଲା ପ୍ରମୁଖ ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ଆଇନଗତ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଆୟୋଜକ ସୁବର୍ଣ୍ଣରେଖା ଉପାନ୍ତ ବରିଷ୍ଠ ନାଗରିକ ପରିଷଦର ସମ୍ପାଦକ ସୁବୋଧ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ବିନୋଦ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

ଓଭର୍‌ବ୍ରିଜ୍ ତଳେ ବାଇକ୍ ପାର୍କିଂ ପ୍ଲେସ୍ ବ୍ୟବସ୍ଥା

## ପୋଷ୍ଟର ଲଗାଇ କାମ ସାରିଦେଇଛି ପୌରପାଳିକା




**ବାଲେଶ୍ୱର, ୩୧।୧(ସମିସ)**

ବାଲେଶ୍ୱର ସହରସ୍ଥ ପ୍ରଥମ ଓଭରବ୍ରିଜର ତଳ ଭାଗକୁ ପୌରପାଳିକା ବାଇକ୍ ପାର୍କିଂ ଅଞ୍ଚଳ ଘୋଷଣା କରିଛି। ସର୍ବସାଧାରଣଙ୍କ ଜାଣିବା ପାଇଁ ପୌରପାଳିକା ପକ୍ଷରୁ ବ୍ରିଜର ପିଲର ୱାଲରେ ଟୁ ହୁଇଲ୍‌ର ପାର୍କିଂ ଏରିଆ ମଧ୍ୟ ଲେଖା ଯାଇଛି। ହେଲେ ବ୍ରିଜ ତଳେ ଟୁ ହୁଇଲର ପାର୍କିଂ କରିବା ପାଇଁ ପୌରପାଳିକା କୌଣସି ବ୍ୟବସ୍ଥା କରିନାହିଁ। ଫଳରେ ଜନ ସାଧାରଣ ବ୍ରିଜ ତଳେ ମୋଟରସାଇକେଲେ ରଖିବା ପରିବର୍ତ୍ତେ ମାନସିକ ବିକାରଗ୍ରସ୍ତ ଓ ଭିକାରୀ ମାନେ ଏହି ସ୍ଥାନରେ ମଳ ତ୍ୟାଗ କରୁଛନ୍ତି। ବାଲେଶ୍ୱର ସହରର କୌଣସି ବଜାରରେ ମୋଟରସାଇକେଲ ଛିଡା କରାଇବା ପାଇଁ ପାର୍କିଂ ପ୍ଲେସର ବ୍ୟବସ୍ଥା ନଥିବା ଯୋଗୁ ଲୋକମାନେ ରାସ୍ତା ଉପରେ ମୋଟରସାଇକେଲ ପାର୍କିଂ କରୁଛନ୍ତି। ବିଶେଷ କରି ଫାଣ୍ଡିଛକ ଓ ଫକୀରମୋହନ ଗୋଲାଇ ଆଦି ଜନଗହଳି ସ୍ଥାନରେ ଦୁଇ ଚକିଆ ଯାନ ରଖିବା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଏହି ଅଞ୍ଚଳକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକମାନେ କଚେରୀ ହତାରେ ନିଜନିଜର ବାଇକ ଛିଡା କରାଉଛନ୍ତି। ଏହାକୁ ନେଇ ଓକିଲ ମାନଙ୍କ ପକ୍ଷରୁ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ତେଣୁ ଫାଣ୍ଡିଛକ ନିକଟରେ ଟୁ ହୁଇଲର ପାର୍କିଂ ପ୍ଲେସ ବ୍ୟବସ୍ଥା କରିବା ଲାଗି ବାରମ୍ବାର ଦାବି କରୁଛନ୍ତି ଓକିଲ ମାନେ। ଅପରପକ୍ଷେ ଫାଣ୍ଡି ଛକ ନିକଟରେ ଥିବା ସହରର ପ୍ରଥମ ଓଭରବ୍ରିଜକୁ ମରାମତି କରିବା ପାଇଁ ବ୍ରିଜ ତଳେ ଥିବା ଦୋକାନ ଗୁଡିକୁ ଉଚ୍ଛେଦ କରାଯିବା ପରେ ଏହି ସ୍ଥାନ ଫାଙ୍କା ରହିଛି। ବ୍ରିଜ ତଳର ଏହି ଫାଙ୍କା ସ୍ଥାନକୁ ଟୁ ହୁଇଲର ପାର୍କିଂ ପ୍ଲେସ କରିବା ଲାଗି ପୌରପାଳିକା ନିଷ୍ପତ୍ତି ନେଇ ଗତ ଦୁଇ ମାସ ତଳେ ବ୍ରିଜର ପିଲାର ୱାଲରେ ଟୁ ହୁଇଲର ପାର୍କିଂ ଏରିଆ ଲେଖିଛି। ହେଲେ ଟୁ ହୁଇଲର ରଖିବା ଲାଗି ପୌରପାଳିକା ବର୍ତ୍ତମାନ ସୁଦ୍ଧା କୌଣସି ବ୍ୟବସ୍ଥା କରିନଥିବା ଦେଖା ଯାଇଛି। ବ୍ରିଜ ତଳ ଭାଗରେ ବର୍ତ୍ତମାନ କୁଢ଼କୁଢ଼ ଅଳିଆ ଆବର୍ଜନା ପଡ଼ି ରହିଛି। ରାତିରେ ସହରରେ ଘୁରି ବୁଲୁଥିବା ମାନସିକ ବିକାରଗ୍ରସ୍ତ ଓ ଭିକାରୀ ମାନେ ଏହି ବ୍ରିଜ ତଳେ ପାଇଖାନା କରୁଛନ୍ତି। ସ୍ଥାନୀୟ କେତେକ ଦୋକାନୀ ନିଜନିଜ ଦୋକାନର ଅନବଶ୍ୟକୀୟ ସାମଗ୍ରୀ ଗୁଡିକୁ ଏହି ବ୍ରିଜ ତଳେ ଫିଙ୍ଗୁଛନ୍ତି। ଫଳରେ ବ୍ରିଜ ତଳ ଭାଗଟି ସମ୍ପ୍ରତି ଡମ୍ପୟାର୍ଡ ହେଇଥିଲା ବେଳେ ପୌରପାଳିକା ଏହି ସ୍ଥାନକୁ ଟୁ ହୁଇଲର ପାର୍କିଂ ଏରିଆ ଲେଖିଦେଇ ହାତ ବାନ୍ଧି ବସିଛି। ଏ ବାବଦରେ ପୌରାଧ୍ୟକ୍ଷା ସବିତା ସାହୁ କୁହନ୍ତି, ବ୍ରିଜ ତଳ ଭାଗ ଏଭଳି ଅବସ୍ଥା ହେଇଛି ବୋଲି ସେ ଜାଣି ନାହାନ୍ତି। ଖୁବ୍‌ଶୀଘ୍ର ତଳ ଭାଗକୁ ପରିଷ୍କାର କରାଯିବା ସହିତ ଟୁ ହୁଇଲର ଛିଡା କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଶ୍ରୀମତୀ ସାହୁ କହିଛନ୍ତି। ପୌରପାଳିକା ବ୍ରିଜର ତଳ ଭାଗରେ ଆଉ କେତେଦିନ ପରେ ମୋଟରସାଇକେଲ ଛିଡା କରାଇବା ପାଇଁ ବ୍ୟବସ୍ଥା କରୁଛି, ନା’ ଟୁ ହୁଇଲର ପାର୍କିଂ ଏରିଆ ଲେଖିଦେଇ ଚୁପଚାପ ବସିଯାଉଛି, ତାହା ଦେଖିବାକୁ ବାକି ରହିଛି।

## ଥାନା ଫାଟକ ସମ୍ମୁଖରେ ସାମ୍ବାଦିକଙ୍କୁ ପ୍ରାଣାନ୍ତକ ଆକ୍ରମଣ ଘଟଣା

# ୧୧ ଦିନ ପରେ ବି ଟେର ପାଉନି ପୁଲିସ

**ବାଲେଶ୍ୱର/ରାଇରଙ୍ଗପୁର, ୩୧।୧(ସମିସ):**

କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଟାଉନ ଥାନା ଫାଟକ ନିକଟରେ ସଂଘବଦ୍ଧ ଭାବେ ଆକ୍ରମଣ ଘଟଣାର ୧୧ ଦିନ ବିତିଯାଇଥିଲେ ବି ପୁଲିସର ହାତ ଖାଲି। ଅଭିଯୁକ୍ତମାନଙ୍କ ଟେର ପାଇ ପାରୁନାହାଁ ପୁଲିସ। ନାଁ କୌଣସି ପ୍ରଭାବଶାଳୀଙ୍କ ଚାପରେ ରହୁଛି କି ପୁଲିସ ? ଯାହାକୁ ନେଇ ପୁଲିସ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏଥି ସହିତ ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ଅଭିଯୁକ୍ତମାନଙ୍କ ଶୀଘ୍ର ଗିରଫ କରିବା ପାଇଁ ଦାବି ହୋଇଛି। ସୂଚନାଯୋଗ୍ୟ, ଗତ ୨୦ ଜାନୁଆରୀରେ ରାଇରଙ୍ଗପୁର ସହରର କାର୍ଯ୍ୟରତ ସାମ୍ବାଦିକ ରାଜେଶ କୁମାର ଶର୍ମାଙ୍କୁ ସକାଳ ସମୟରେ ଜଣେ ବ୍ୟକ୍ତି ଡାକ୍ତରଖାନାକୁ ଆସିବା ପାଇଁ ଫୋନ କରିଥିଲେ। ଏହା ପରେ ରାଜେଶ ନିଜ ବାଇକ ଯୋଗେ ଡାକ୍ତରଖାନା ଯାଉଥିବା ସମୟରେ ରାଇରଙ୍ଗପୁର ଟାଉନ ଥାନା ଫାଟକ ନିକଟରେ ପ୍ରାୟ ୧୪ ଜଣ ଯୁବକ ସଂଘବଦ୍ଧ ଭାବେ ତାଙ୍କ ଉପରେ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ସେହି ସମୟରେ ଜଣେ ଯୁବକ ଧାରୁଆ ଅସ୍ତ୍ରରେ ରାଜେଶଙ୍କ ମୁଣ୍ଡରେ ଆଘାତ କରିଥିଲେ। ଏହା ପରେ ତାଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇ ରାସ୍ତା ଉପରେ ପଡ଼ି ଯାଇଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ସାମ୍ବାଦିକ ମାନେ ତାଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସୂଚନା ପରେ ରାଇରଙ୍ଗପୁର ଏସଡିପିଓ ଗୋକୁଳାନନ୍ଦ ସାହୁ, ରାଇରଙ୍ଗପୁର ଟାଉନ ଥାନା ଅଧିକାରୀ ସୂଚନ୍ଦ୍ରା ମହାଲିକ ସେଠାକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ।

**ପ୍ରଭାବଶାଳୀଙ୍କ ଚାପରେ ରହିଛି କି ପୁଲିସ !**

ରାଜେଶଙ୍କ ଏତଲା କ୍ରମେ ପୁଲିସ ଟାଉନ ଥାନାରେ କେସ ନମ୍ବର ୩୪/୨୦୨୪ ର ଦଫା ୩୪୧, ୩୨୩, ୩୨୪, ୨୯୪, ୫୦୬, ୩୪ ଆଇପିସିରେ ଏକ ମାମଲା ରୁଜୁ କରିଥିଲା। ହେଲେ ଏହି ଘଟଣାକୁ ୧୧ ଦିନ ବିତି ଯାଇଥିଲେ ମଧ୍ୟ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ ନ କରିବାରୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି। ବର୍ତ୍ତମାନ ପୁଲିସର ଅନୁସନ୍ଧାନ ଓ କାର୍ଯ୍ୟାନୁଷ୍ଠାନ ସହିତ ବିଭିନ୍ନ ଦିଗକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୁକ୍ତମାନଙ୍କୁ ଶୀଘ୍ର ଗିରଫ କରିବା ପାଇଁ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଦୃଢ଼ ଦାବି ହେଉଛି। ସୂଚନା ଅନୁସାରେ ୧୮ ଜାନୁଆରୀ ଗୁରୁବାର ସନ୍ଧ୍ୟା ସମୟରେ ବଦାମପାହାଡ଼ ଥାନା ଅଞ୍ଚଳ ଦଲକୀ ଗାଁ ଠାରେ ଘର ଭିତରେ ନବବଧୂଙ୍କୁ ସ୍ୱାମୀ ଓ ପରିବାର ଲୋକ ମାନେ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସକ ନବବଧୂ ରିଙ୍କି ମହାନ୍ତ(୨୧)କୁ ମୃତ ଘୋଷଣା କରିଥିଲେ। ସୂଚନା ପରେ ୧୯ ତାରିଖ ଶୁକ୍ରବାର ସକାଳେ ମୃତକଙ୍କ ପରିବାର ଲୋକ ଓ ଶତାଧିକ ଗ୍ରାମବାସୀ ରାଇରଙ୍ଗପୁର ଡାକ୍ତରଖାନା ପରିସରକୁ ଆସି ପହଞ୍ଚିଥିଲେ। ଏହା ପରେ ଟାଉନ ଥାନା ପୁଲିସ ସେଠାକୁ ଯାଇ ପହଁଚି ଥିଲେ। ଏହା ପରେ ମୃତକଙ୍କ ପରିବାର ଲୋକ ମାନେ ତାଙ୍କ ଝିଅକୁ ସ୍ୱାମୀ ଓ ପରିବାର ଲୋକ ମାନେ ମିଶି ହତ୍ୟା କରିଛନ୍ତି ବୋଲି ବାଦାମପାହାଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣା ସମ୍ପର୍କିତ ଖବର ୨୦ ତାରିଖ 'ସକାଳ' ଖବର କାଗଜରେ ପ୍ରକାଶିତ ହୋଇଥିବାକୁ କେନ୍ଦ୍ରକରି ସାମ୍ବାଦିକ ରାଜେଶ କୁମାର ଶର୍ମାଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ।

## ନଞ୍ଜୋ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବନ୍ଧୁମିଳନ



**ନଞ୍ଜୋ, ୩୧।୧ (ସମିସ):** ନଞ୍ଜୋ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ୧୯୯୧ମସିହାରେ ମ୍ୟାଟ୍ରିକ ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ଦ୍ୱାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଅକ୍ଷୟ କୁମାର ଜେନାଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନାରାୟଣ ଦାଶ, ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସଞ୍ଜୟ ଦାସ ଯୋଗ ଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନାରାୟଣ ଦାଶ, ସହକାରୀ ଶିକ୍ଷକ ସଞ୍ଜୟ ଦାଶ, ରମାକାନ୍ତ ପ୍ରଧାନ, ଅବସରପ୍ରାପ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଶୁପତି ପାତ୍ର, ଚନ୍ଦ୍ରଶେଖର ସାମଲ ଓ ପ୍ରାଣକୃଷ୍ଣ ଦାସଙ୍କୁ ପୁଷ୍ପ ଗୁଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ବସନ୍ତ ଦାସ ମଞ୍ଚ ଆବାହନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କପିଳ ଚାନ୍ଦ, ଚିନ୍ମୟ ନନ୍ଦୀ, ଉତ୍ତମ ଜେନା, ରଞ୍ଜନ ଭୂୟାଁ, ଚନ୍ଦନ ଚାନ୍ଦ, ଶ୍ରୀକାନ୍ତ ଦାସ, ନିହାର ପଣ୍ଡା, ନବୀନ ପାଟି, ଅନିଲ ମହାନ୍ତି, ଶେଫାଳି ଭୂୟାଁ, ଗୌରୀ ଜେନା, ଜୟନ୍ତୀ ପ୍ରଧାନ, ଅମ୍ରିତା ଜେନା, ରୁପାଲୀ ପ୍ରଧାନ, ଅଞ୍ଜଳି ସିଟ ଓ ସୁସ୍ମିତା ଜେନା ପ୍ରମୁଖ ସହଯୋଗ କରିଥିଲେ।

## ରାଧାନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ସୋର, ୩୧।୧(ସମିସ):** ସୋର ପୌର ପାଳିକା ଅନ୍ତର୍ଗତ ରାଧାନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ ଜଗନ୍ନାଥ ଫଟୋ ଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ ତଥା ଅବସର ପ୍ରାପ୍ତ ପ୍ରାଧ୍ୟାପକ ପଦ୍ମଲୋଚନ ଦ୍ୱିବେଦୀ ବର୍ତ୍ତମାନର ଶିକ୍ଷା ପଦ୍ଧତିରେ ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀ ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ବାଗୁଡ଼ି ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ସୁଶାନ୍ତ ସେଠୀ, ସୋର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଣୀ ରେଣୁକାବାଳା ଖିଲାର, ଫିଡର କ୍ଲଷ୍ଟର ସିଆରସିସି ଶେଖ୍ ଇମତିଆଜ ମହମ୍ମଦ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶେଖ୍ କରିମୁଦ୍ଦିନ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସଞ୍ଜିତା ପଣ୍ଡା ଅତିଥି ପରିଚୟ କରିଥିବା ବେଳେ ରଞ୍ଜିତା ପଣ୍ଡା ବିବରଣୀ ପାଠ କରିଥିଲେ। ଶେଷରେ ଶେଖ୍ ସାହାଦତ୍ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବିମଲ୍ ମହାରଣା, ସୁକାନ୍ତି ବାରିକ, ସଙ୍ଗୀତଜ୍ଞ ପୁଷ୍ପାରାଣୀ ନାୟକ ଓ ନୃତ୍ୟଶିଳ୍ପୀ ମିତାଲି ସିଂହ ଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍‌?ାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜଳେଶ୍ୱର: ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବାଲେଶ୍ୱର, ୩୧।୧ (ସମିସ) :** ଜଳେଶ୍ୱର ନଗରସ୍ଥିତ ନୂଆବଜାର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ କୁମାର ଦେ ଚାକିରିରୁ ଅବସର ନେଇଛନ୍ତି। ଡ. ଦେ ଦୀର୍ଘ ୨୯ ବର୍ଷ ଧରି କମର୍ଦ୍ଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟାପନା ସହିତ ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରିଥିଲେ।୨୦୧୫ମସିହାରେ ସେ ଜଳେଶ୍ୱର ମହିଳା ମହାବିଦ୍ୟାଳୟକୁ ବଦଳି ହୋଇ ଆସିଥିଲେ।୨୦୧୯ ମାର୍ଚ୍ଚ ମାସରୁ ୨୦୨୪ ଜାନୁୟାରୀ ପର୍ଯ୍ୟନ୍ତ ଅଧ୍ୟକ୍ଷ ଭାବେ ସୁଚାରୁ ଭାବେ କର୍ତ୍ତବ୍ୟ ସମ୍ପାଦନ କରିଥିଲେ। ବୁଧବାର ସେ ଅବସର ଗ୍ରହଣ କରିଥିଲେ ମଧ୍ୟ ଅନୁଷ୍ଠାନ ପ୍ରତି ତାଙ୍କର ଭଲ ପାଇବା ଓ ଅନୁରକ୍ତି ରହିବ ବୋଲି କହିଛନ୍ତି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆ ଯାଇଛି।

## 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ




**ବାଲେଶ୍ୱର, ୩୧।୧ (ସମିସ) :** ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ-୨୦୨୪ ବୁଧବାର ପୂର୍ବାହ୍ଣରେ ବିଦ୍ୟାଳୟର ଦୀନକୃଷ୍ଣ ସଭା କକ୍ଷରେ ଏକ ସଭା ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷା ମାମିରାଣୀ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ସୁରେନ୍ଦ୍ର ନାଥ ଉଚ୍ଚ ବୈଷୟିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ତଥା ଶିକ୍ଷା ବିଭାଗ ପ୍ରାଧ୍ୟାପକ ସରୋଜ ରଞ୍ଜନ ସେନାପତି ଉପସ୍ଥିତ ହୋଇ ଛାତ୍ରୀମାନଙ୍କୁ ଭାଷା ସାହିତ୍ୟ ସଂସ୍କୃତ ମନସ୍କ ପାଇଁ ଆଶିର୍ବଚନ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଦହମୁଣ୍ଡା ଓଡ଼ିଆ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପିକା ସୁଷମା ରାଣୀ ଭୂୟାଁ ଭାଗବତର ତାତ୍ତ୍ୱିକ ବ୍ୟାଖ୍ୟାନ କରିଥିବା ବେଳେ ସମ୍ମାନୀତ ବକ୍ତା ଭାବେ ତେଘରୀ ସାଧୁ ଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁଧୀର କର ଛାତ୍ରୀମାନଙ୍କୁ ସାହିତ୍ୟ ସ୍ରଷ୍ଟା ହେବା ପାଇଁ ଅଭିପ୍ରେରଣା ଦେଇଥିଲେ। ଅନ୍ୟତମ ସମ୍ମାନୀତ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସୁଶାନ୍ତ ପ୍ରଧାନ, ବରିଷ୍ଠ ସାମ୍ବାଦିକ ଭୂପତି ପରିଡ଼ା ଯୋଗଦେଇ ବିଦ୍ୟାଳୟର ନୂଆ-ଓ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତାର ନିରବଚ୍ଛିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଭୂୟସୀ ପ୍ରଶଂସା କରିଥିଲେ। ମଲ୍ଲିକା ଦାସ, ସୌମିୟ ପ୍ରଧାନ, କବିତାବାଳା ପ୍ରଧାନ, ସୁରତି ଦେ, ଅନିମା ଭୂୟାଁ, ପ୍ରଭାତୀ ସେଣ, ସଂସ୍କୃତ ବିଭାଗର ଅଧ୍ୟାପକ ଉଦୟ ଗିରି, କିରାଣୀ ସଞ୍ଜୟ ପ୍ରଧାନ, ରାଜେଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ନୂଆ-ଓ ସଂଯୋଜକ ଅଧ୍ୟାପକ ଡକ୍ଟର ନୀଳକଣ୍ଠ ଖଣ୍ଡା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷା ବିଭାଗର ଅଧ୍ୟାପିକା ଚନ୍ଦ୍ରଲେଖା ମହାକୁଳ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବେଆଇନ କୋଇଲା ବୋଝେଇ ଗାଡ଼ି ଜବତ, ଚାଳକ ଗିରଫ

**ସୋର, ୩୧।୧(ସମିସ):** ସୋର ପୌରପାଳିକା ଅନ୍ତର୍ଗତ ଇଟୁଆ ଗ୍ରାମରୁ ଗତକାଲି ବିଳମ୍ବିତ ରାତିରେ ଏକ ବେଆଇନ କୋଇଲା ବୋଝେଇ ପିକଅପକୁ ସୋର ପୁଲିସ ଜବତ କରିବା ସହିତ ଏହାର ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତକାଲି ବିଳମ୍ବିତ ରାତିରେ ଏକ ପିକଅପ ବାସୁଦେବପୁରରୁ କୋଇଲା ବୋଝେଇ କରି ସୋର ଅଭିମୁଖେ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶରେ ଏସଆଇ କୁଳମଣି ପାତ୍ର, ଏଏସଆଇ ନନ୍ଦକିଶୋର ବିଶ୍ୱାଳ ସଦଳବଳେ ଇଟୁଆ ଗ୍ରାମରେ ଚଢ଼ାଉ କରିଥିଲେ। ଗାଡିର କାଗଜପତ୍ର ଯାଞ୍ଚ ପରେ ଏହା ବେଆଇନ ଭାବେ ଚାଲାଣ ହେଉଥିବା ଜାଣିପାରି ଗାଡିକୁ ଜବତ କରି ଥାନାକୁ ଆଣିବା ସହିତ ଏହାର ଚାଳକ ଖନ୍ତାପଡ଼ା ଥାନା ମୂଳକୁଡେଇ ଗ୍ରାମର ନରୋତ୍ତମ ଧାମୁ?ଆକୁ ଥନାରେ ଅଟକ ରଖିଥିଲେ। ଆଜି ପୂର୍ବାହ୍ନରେ ପୁଲିସ ଅଭିଯୋଗ ମୂଳେ ୭୬/୨୪ରେ ମାମଲା ରୁଜୁକରି ନରୋତ୍ତମକୁ ଗିରଫ କରି ସୋର ଡାକ୍ତରଖାନାରେ ଡାକ୍ତରୀ ମାଇନା ପରେ ଅପରାହ୍ଣରେ କୋର୍ଟ ଚାଲାଣ କରିଛି।

## ଛେଳିଚୋରଠାରୁ ଗଂଜେଇ ଓ ବ୍ରାଉନସୁଗର ଜବତ

**ବାଲେଶ୍ୱର, ୩୧।୧(ସମିସ):** ବୁଧବାର ଦିନ ଦ୍ୱିପ୍ରହରରେ ଆମ୍ବଳିଅଠା ପେଟ୍ରୋଲ ଟାଙ୍କି ନିକଟରେ ପ୍ରଶାନ୍ତ ସ୍ୱାଇଁଙ୍କର ଛେଳିଗୁଡିକ ରାସ୍ତାପାଖରେ ଚରୁଥିବା ବେଳେ ପଶ୍ଚିମବଂଗର ୨ଜଣ ଯୁବକ ତାକୁ ଧରି ବାଇକ୍‌ରେ ପଳାଇବାକୁ ପ୍ରସ୍ତୁତ ହେଉଥିଲା। କିନ୍ତୁ ଗାଁର ଜଣେ ଯୁବକ ଏ ବିଷୟରେ ଦେଖି ତାଙ୍କ ପରିବାରକୁ ଜଣାଇଥିଲେ। ଗ୍ରାମ ଲୋକେ ଉକ୍ତ ଛେଳିଚୋରକୁ କାବୁ କରିଥିବା ବେଳେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଘଟଣାସ୍ଥଳରୁ ଅଭିଯୁକ୍ତ ସେକ୍ ସିନାପାଲି (୨୩)କୁ ପୁଲିସ୍ ଗିରଫ କରିଛି। ସେ ପଶ୍ଚିମବଂଗ ପଶ୍ଚିମ ମେଦିନୀପୁର ଜିଲା ମହନପୁର ଥାନା ଅନ୍ତର୍ଗତ ଚକ ଗାଁର ସେକ୍ ହାସିମ୍‌ଙ୍କ ପୁଅ ବୋଲି ଜଣାପଡ଼ିଛି। ଅଭିଯୁକ୍ତ ଠାରୁ ପୁଲିସ୍ ବ୍ରାଉନସୁଗର ଓ ଗଂଜେଇ ପୁଡିଆ ଜବତ୍ କରିଛି। ଅନ୍ୟଜଣେ ଯୁବକ ବାଇକ୍ ସହ ଫେରାର ହୋଇ ଯାଇଛି।

## ଭୋଗରାଇ ବ୍ଲକରେ ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ

**ବାଲେଶ୍ୱର, ୩୧।୧ (ସମିସ) :** ଓଡ଼ିଆ ଭାଷା ସାହିତ୍ୟକୁ ଅଧିକ ପ୍ରଚାର ପ୍ରସାର ଓ ବିକଶିତ କରିବା ଉଦ୍ଦେଶ୍ୟରେ ଏବଂ ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମରେ 'ଭାଷା ଅତୀତର ଅସ୍ତିତ୍ୱ, ଭାଷା ହିଁ ଭବିଷ୍ୟତ' ଆହ୍ୱାନରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ମିଶନ ଶକ୍ତି ପକ୍ଷରୁ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାକାନ୍ତ ପରିଡ଼ା, ସିଡିପିଓ ପବିତ୍ରା ହାଜିରା, ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା ଗୀତାରାଣୀ ଦାସ ପ୍ରମୁଖ ଯୋଗ ଦେଇ କବିତା ପାଠର ମୂଲ୍ୟାୟନ କରିଥିଲେ। ମିଶନ ଶକ୍ତି ବିପିସି ସନ୍ତୋଷ କୁମାର ପାତ୍ର ଏବଂ ଓଡ଼ିଶା ଜୀବିକା ମିଶନର ବିପିଏମ ମୃତ୍ୟୁଞ୍ଜୟ ପାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସ୍ୱରଚିତ କବିତା ପାଠରେ ଜଳେଶ୍ୱରପୁର ଏମବିକେ କବିତା ସ୍ୱାଇଁ ପ୍ରଥମ, ନାରାୟଣ ମହାନ୍ତି ପଡ଼ିଆ ସିଆରପି ସୁଭଦ୍ରା ମଣ୍ଡଳ ଦ୍ୱିତୀୟ ଏବଂ କୁମ୍ଭାରମୁଳି ଜିପିଏଲଏଫ୍ ଇସି ବାସନ୍ତୀ ଗିରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଭୋଗରାଇ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ବିଏଲଏଫ୍ ଓ ଜିପିଏଲଏଫ୍ କାର୍ଯ୍ୟକର୍ତ୍ତା, ଏମବିକେ, ସିଆରପି ଓ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନେ ଏଥିରେ ଅଂଶଗ୍ରହଣ କରିବା ସହିତ ସ୍ୱରଚିତ କବିତା ପାଠ କରିଥିଲେ। ଭୋଗରାଇ ବ୍ଲକ ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବସ୍ତା ବ୍ଲକ, ୩୧।୧ (ସମିସ) :** ବସ୍ତା ବ୍ଲକ ଅଧିନସ୍ଥ ଦୁନ୍ଦ ମୁକୁଲିସି ଉନ୍ନିତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୟାଧର ଜେନାଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏହି ସଭାର ବିଦ୍ୟାଳୟ ଶିକ୍ଷକ ଉଜ୍ଜ୍ୱଳ ବେହେରା ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ଅତିଥି ଭାବେ ବସ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଞ୍ଜଳି ଦାସ, ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ଲାକ୍ଷ୍ମୀଧର ଦାସ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଅମିତ ବିଶ୍ୱାଳ ବକ୍ତବ୍ୟ ପ୍ରଦାନ କରିଥଲେ। ଦେବେନ୍ଦ୍ର ଧଳ, ଶିବ ନାରାୟଣ ଧଳ, ରବୀନ୍ଦ୍ର ସାହୁ, ଶ୍ରୀଧର ପ୍ରଧାନ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ଏବଂ ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ ମାନେ ଶ୍ରୀ ଜେନାଙ୍କୁ ଭାବପୂର୍ଣ୍ଣ ବିଦାୟ ଦେଇ ଥିଲେ।

## ଲଙ୍ଗଳେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକୀ ଉତ୍ସବ



**ଲଙ୍ଗଳେଶ୍ୱର, ୩୧।୧ (ସମିସ) :** ଗୁରୁ ଓ ପିତାଙ୍କ ଆଶୀର୍ବାଦ ର ହାତ ମୁଣ୍ଡ ଉପରେ ରହିଲେ ପିଲାମାନେ ଶକ୍ତିଶାଳୀ ହୋଇ ଉଠନ୍ତି ବୋଲି ଆଜି ସ୍ଥାନୀୟ ସଚିନ୍ଦ୍ର କୁମାର ଓ ଯଶୋଦା ମଣି ସରକାରୀ ଉଚ୍ଚ ବିଦ୍ୟାଳୟ ର ବାର୍ଷିକୀ ଉତ୍ସବରେମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଲିଆପାଳ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନା କହିଥିଲେ। ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଭାଗବତ ପ୍ରଧାନ ଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ଏଇ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଲତା ଯୋଡି ସଂସ୍କୃତ ମହାବିଦ୍ୟାଳର ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା ଯୋଗଦେଇ ଉତ୍ତମ ଶିକ୍ଷା ସହିତ ସଂସ୍କାରିତ ହେଲେ ଛାତ୍ରଛାତ୍ରୀ ମାନେବଡ଼ ମଣିଷ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଗୋପବନ୍ଧୁ ଆୟୁର୍ବେଦିକ ମେଡିକାଲ କଲେଜର ପୂର୍ବତନ ପ୍ରଫେସର ଡ଼ାଃ ମୃତ୍ୟୁଞ୍ଜୟ ପଣ୍ଡା, ପୂର୍ବତନ ଆଇଆଇଟିଆନ ଙ୍ଂ ମନମୋହନ ସେଠୀ, ଚିତ୍ତରଞ୍ଜନ ଜେନା, ସିଆରସିସି ସୁଶାନ୍ତ ରାଉଳ, ଶିକ୍ଷକ ନେତା ଆଦିତ୍ୟ ରାଉତ ବାଲିଆପାଳ ଶିକ୍ଷକ ସମନ୍ୱୟ କମିଟି ସଭାପତି ମନ୍ମଥ କୁମାର ବିଶ୍ୱାଳ, ବଣିଆଡିହା ପଞ୍ଚାୟତ ର ସରପଞ୍ଚ କାଳିଚରଣ ଜେନା ପ୍ରମୁଖ ଯୋଗଦେଇଥିଲେ ।ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଭୟ କୁମାର ବାରିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ଅବସରପ୍ରାପ୍ତ ଶିକ୍ଷକ ସୃଷ୍ଟିଧର ପାତ୍ରଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ କୁମାର ଦାସ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଦସ୍ୟମାନେ ଉତ୍ସବ ପରିଚାଳନା କରିଥିଲେ।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



**ବାହାନଗା, ୩୧।୧(ସମିସ) :** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ବିଷ୍ଣୁପୁର ପଞ୍ଚାୟତ ପକ୍ଷରୁ ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଷ୍ଣୁପୁର ସରପଞ୍ଚ ଛାୟାଲତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାହାନଗା ବିଡିଓ ରବୀନ୍ଦ୍ର ସେଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଡ଼ିଓ ଶ୍ରୀ ସେଠୀ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ମାଗଣା ଚିକିତ୍ସା ସେବା, ମିଶନ ଶକ୍ତି ଯୋଜନାଦ୍ୱାରା ମହିଳା ସଶକ୍ତ ହେବା, ୫-ଟି ଏବଂ ମୋ ସ୍କୁଲ ମାଧ୍ୟମରେ ସ୍କୁଲ ରୂପାନ୍ତରଣ, ମଠ ମନ୍ଦିରର ଉନ୍ନତି କରଣ ଆଦି ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ୨୦ ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ ଶିଶିର କୁମାର ଅଗସ୍ତି, ଯନ୍ତ୍ରୀ ଗୟାଧର ସିଂ, ପୁଷ୍ପାରାଣୀ ସେଠୀ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଲକ୍ଷ୍ମୀପ୍ରିୟା ପଣ୍ଡା, ଜିଆରଏସ୍ ସୌଭାଗ୍ୟ ମଞ୍ଜରୀ ପ୍ରମୁଖ ଯୋଗଦେଇ ପୁସ୍ତିକା ଉନ୍ମୋଚନ କରିଥିଲେ। ଅତିଥିମାନେ ସ୍ୱୟଂ ସହାୟିକା ଗୋଷ୍ଠୀ କରିଥିବା ବିଭିନ୍ନ ଷ୍ଟଲ ବୁଲି ଦେଖିବା ସହ ମିଶନ ଶକ୍ତି ଜରିଆରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ରାଇବଣିଆ, ୩୧।୧(ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ କାଳିକ ପଞ୍ଚାୟତରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ମୁଖ୍ୟ ବ୍ୟକ୍ତା ଭାବେ ସିଦ୍ଧେଶ୍ୱର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ଭଞ୍ଜ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୂସୟା ପ୍ରଧାନ, ଜଳେଶ୍ୱର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ ଜେନା, ୭ ନମ୍ବର ଜୋନ ଜିଲ୍ଲା ପରିଷଦ ତୁଳସୀ କିସ୍କୁ, ଶିବ ଶଙ୍କର ସାହୁ ମଞ୍ଚରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜିତା ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମଞ୍ଚ ଆହ୍‌ୱାନ ସହିତ ଅତିଥିପରିଚୟ ଦେଇଥିଲେ ଶିକ୍ଷକ ଦେବାଂଜନ ବେରା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ଶକ୍ତିପଦ ମଣ୍ଡଳ, ପ୍ରୀତି ମଧୁମିତା କର, ବିଜୟ କର, ରାଜେନ୍ଦ୍ର ଗିରି, ଅରବିନ୍ଦ ମହାନ୍ତି, ଓ ଅନ୍ୟ ସହକର୍ମୀ ତପନ ଖୁଣ୍ଟିଆ, ଅନୁପମା ଦାସଏବଂ ଶଙ୍କରଷଣ ପ୍ରଧାନ ଉପସ୍ଥିତ ଥିଲେ। ବିଦ୍ୟାଳୟ ଶିକ୍ଷକ ଦେବାଂଜନ ବେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବାଲେଶ୍ୱର, ୩୧।୧ (ସମିସ) :** ସୀମାନ୍ତ ଲକ୍ଷ୍ମଣନାଥ ଟୋଲ୍ ପ୍ଲାଜା ଠାରେ ସଡ଼କ ସୁରକ୍ଷା ସଚେତନତା ପକ୍ଷ ପାଳନ ହେଉଛି। ବୁଧବାର ପୂର୍ବାହ୍ଣରେ ଜାତୀୟ ରାଜପଥ ପ୍ରାଧିକରଣ ଓ ଜଳେଶ୍ୱର ପୋଲିସଙ୍କ ମିଳିତ ସହଯୋଗରେ ସଡକ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଟୋଲ୍ ପ୍ଲାଜା ଅଧିକାରୀ ଶଶୀଭୂଷଣ କୁମାର, ୬୦ରାଜପଥ ପ୍ରାଧିକରଣର ପ୍ରକଳ୍ପ ମୁଖ୍ୟ ସଞ୍ଜୟ ସୁନ୍ଦର ଘୋଟକ ଡିପିଏମ ହେମନ୍ତ କୁମାର, କଣ୍ଟ୍ରୋଲ ରୁମ୍ ଅଫିସର ରେଜାବୁଲ ହକ, ଫାର୍ମାସୀ ସୀତାରାମ ନାୟକ, ପୋଲିସ ଏଏସ ଆଇ ଲମ୍ବୋଧର ମୁର୍ମୁ ପ୍ରମୁଖ ଅଭିଯାନରେ ସାମିଲ ହୋଇଥିଲେ। ରାତି ଚଳ ପ୍ରଚଳ ଲାଗି, ରାସ୍ତା କଡରେ ଛିଡ଼ା ହୋଇ ରହୁଥିବାରୁ ପ୍ରତ୍ୟେକ ଗାଡ଼ିରେ ରିଟ୍ରୋ ରିଫ୍ଲେକଟିଭ ଟେପ୍ ଲଗାଯିବା ସହ ପରାମର୍ଶ ଦେଇଥିଲା।

# ଔପଦା ଆଞ୍ଚଳିକ ମହୋତ୍ସବର ପ୍ରଥମ ସନ୍ଧ୍ୟା

**ଔପଦା, ୩୧।୧(ସମିସ):**



ପ୍ରଥମ ସନ୍ଧ୍ୟାରେ ଜମିଲା ଔପଦା ଆଞ୍ଚଳିକ ମହୋତ୍ସବ। ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ସ୍ୱରାଜ ଓ ଚୁଲବୁଲି ନାୟିକା ସନମିରା ଙ୍କ ଅଭିନୟରେ ଝୁମିଲେ ଦର୍ଶକ। ଷଷ୍ଠ ଔପଦା ଆଞ୍ଚଳିକ ମହୋତ୍ସବ ର ପ୍ରଥମ ସନ୍ଧ୍ୟା ରେ ମହୋତ୍ସବ କମିଟି ସଭାପତି ଅଶୋକ କୁମାର ପ୍ରଧାନ ଙ୍କ ସଭାପତିତ୍ୱରେ ଆୟୋଜିତ ସଭା ରେ ମୁଖ୍ୟଅତିଥି ଭାବେ ବିଡ଼ିଓ ଆଦିକନ୍ଦ ବେହେରା ମୁଖ୍ୟ ବକ୍ତା ଭାବେ ଅର୍ଥନୀତି ବିଭାଗର ପ୍ରଫେସର ରାମଚନ୍ଦ୍ର ଭୂୟାଁ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଦସ୍ୟା ମୁନୀ ସିଂ, ଔପଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଚନ୍ଦନ କୁମାର ମହାକୁଡ଼, ଔପଦା ଅଗ୍ନିଶମ ବିଭାଗର କେନ୍ଦ୍ରାଧିକାରୀ ରବିନ ସରେନ୍, ଔପଦା ନୋଡାଲ ହାଇସ୍କୁଲ ର ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ଦାସ ପ୍ରମୁଖ ଯୋଗଦେଇ ଭାଇଚାରା ଭାବ ର ପ୍ରତୀକ ଔପଦା ଆଞ୍ଚଳିକ ମହୋତ୍ସବ ଏ ଅଞ୍ଚଳର ବିକାଶ ର ବାର୍ତ୍ତାବହ ବୋଲ କହିଥିଲେ। ଶିକ୍ଷକ ସତ୍ୟରଞ୍ଜନ ମଲ୍ଲିକ ମଞ୍ଚ ଆହ୍ୱାନ, ପ୍ରୋଗ୍ରାମ କୋଡିନେଟର ଆଇନଜୀବୀ ଜୟଶ୍ରୀ ବେହେରା ଓ ଅଧ୍ୟାପକ ଡ. ସଂଗ୍ରାମ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କମିଟି ଉପସଭାପତି ବୈକୁଣ୍ଠ ପୁଥାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ନରହରି ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମହୋତ୍ସବ ର ଅଡିସନ୍ ରେ ମନୋନୀତ ହୋଇଥିବା ଶ୍ରୁତିସମୀକ୍ଷା ଜେନା, ଆରାଧ୍ୟା ମହାପାତ୍ର, ପ୍ରଜ୍ଞା ପରମିତା ମହାନ୍ତି, ପ୍ରିୟାଂଶି ମହାପାତ୍ର ଓ ଦିବ୍ୟାଶ୍ରୀ ସେଠୀଙ୍କୁ ମଞ୍ଚରେ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କମିଟି ର ଉପଦେଷ୍ଟା ନିରଞ୍ଜନ ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାରେ ରାମ ଦୋଳି, ମିନା ବଜାର, ଠୁଙ୍କା ପୁରୀ ସହ ବିଭିନ୍ନ ପ୍ରକାର ଷ୍ଟଲ ଦେଖିବା ପାଇଁ ସକାଳ ରୁ ସନ୍ଧ୍ୟା ଯାଏଁ ପ୍ରବଳ ଭିଡ ଲାଗିରହିଛି।

ପାନ ଚାଷକୁ ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତା

# ଉଜୁଡ଼ି ଯାଇଥିବା ପାନଚାଷୀଙ୍କ ମୁହଁରେ ପୁଣି ଫୁଟିବ ହସ

**ବାଲେଶ୍ୱର(ଉତ୍ତର), ୩୧।୧(ସମିସ):** ଅର୍ଥକାରୀ ପାନ ଚାଷକୁ କୃଷି ର ମାନ୍ୟତା ପାଇଁ ଦୀର୍ଘ ବର୍ଷ ଧରି ଦାବୀ ହୋଇ ଆସୁଛି। ମାତ୍ର ଏହା କେନ୍ଦ୍ର ସରକାର ଅଧୀନରେ ଥିଲା ବେଳେ ଏଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ମାତ୍ର ବାରମ୍ବାର ଏହି ଚାଷରେ କ୍ଷତି ସହୁଥିବା ଚାଷୀ ଙ୍କ କଥା ଶୁଣିଛନ୍ତି ରାଜ୍ୟ ସରକାର। ପାନ ଚାଷକୁ କୃଷିର ମାନ୍ୟତା ସିନା ମିଳିଲା ନାହିଁ କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବହେଳିତ ଚାଷୀ କଥା ବୁଝିଛନ୍ତି। ସ୍ୱତନ୍ତ୍ର ଆର୍ଥିକ ସହାୟତା ସାଙ୍ଗକୁ କିଷାନ କ୍ରେଡିଟ କାର୍ଡ ଜରିଆରେ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାନ ଚାଷୀଙ୍କୁ ଯୋଗାଇ ଦେବାର ଘୋଷଣା କରିଛନ୍ତି। ଏଥିପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ରାଜ୍ୟରେ ପାନ ଚାଷ ହେଉଥିବା ଅନ୍ୟ ଉପକୂଳବର୍ତ୍ତୀ ଜିଲ୍ଲା ସହିତ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସର୍ଭେ କାର୍ଯ୍ୟ ଚାଲିଛି। ଏଥିପାଇଁ ପାନଚାଷୀମାନେ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧକ୍ଷ କାର୍ତ୍ତିକ ପଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ପ୍ରକାଶ ଯେ, ଏହି ଜିଲ୍ଲାର ଭୋଗରାଇ, ବାଲିଆପାଳ ବ୍ଲକ ପାନ, ଧାନ ଓ ମୀନର ଅଞ୍ଚଳ ଭାବେ ପରିଚିତ।ଏହାକୁ ଜୀବିକା କରି ଏ ଅଞ୍ଚଳର ୬୦ ପ୍ରତିଶତରୁ ଅଧିକ ଲୋକେ ଜୀବନ ନିର୍ବାହ କରିଥାନ୍ତି। ଭୋଗରାଇ ବ୍ଲକର ପ୍ରାୟ ୨୦ହଜାର ପରିବାର ପାନ ଚାଷ କରୁଥିବା ବେଳେ ୧୫ ହଜାର ପରିବାର ପାନ ଚାଷରେ ବ୍ୟବହୃତ ଖଡ଼ି ଓ ଇକଡ଼ ଚାଷ କରି ଜୀବନ ଜୀବିକା ନିର୍ବାହ କରୁଛନ୍ତି। ବାଲିଆପାଳ ବ୍ଲକରେ ୧୫ ହଜାରରୁ ଅଧିକ ପରିବାର ପାନ ଚାଷ ଉପରେ ନିର୍ଭର କରନ୍ତି। ସେହିପରି ଏହି ଚାଷରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ପରିବାର ସଂଶ୍ଳିଷ୍ଟ ରହିଛନ୍ତି। ଓଡ଼ିଶାର ସର୍ବବୃହତ ପାନ ମଣ୍ଡି ଭୋଗରାଇ ବ୍ଲକ ଜଳସୋହରିଆରୁ ଦେଶର ପ୍ରମୁଖ ସହର ଦିଲ୍ଲୀ, ମୁମ୍ବାଇ, ଆଗ୍ରା, ବନାରସ, କାନପୁର ସହିତ ବିଭିନ୍ନ ଅଞ୍ଚଳକୁ ପାନ ରପ୍ତାନୀ ହୋଇଥାଏ। ଯାହା ବାର୍ଷିକ ୧୦୦ କୋଟି ଟଙ୍କା ର ବ୍ୟବସାୟ ହୋଇଥାଏ। ମାତ୍ର ଏହି ଚାଷ ଏପର୍ଯ୍ୟନ୍ତ ସରକାରୀ ସ୍ତରରେ କୃଷିର ମାନ୍ୟତା ପାଇନଥିବାରୁ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ରେ କ୍ଷତି ହେଉଥିବା ପାନଚାଷ ସହିତ ଖରାଦିନେ ନିଆଁ ଲାଗି ନଷ୍ଟ ହେଉଥିବା ଖଡ଼ି ଓ ଇକଡ଼ ଫସଲ ର କ୍ଷତିପୂରଣ ଚାଷୀଙ୍କୁ ମିଳିପାରୁନାହିଁ। ସେହିପରି ଚାଷୀଙ୍କୁ ଚାଷ ପାଇଁ ବିଭିନ୍ନ ସମବାୟ ସମିତି, ବ୍ୟାଙ୍କ ରୁ ବିନା ସୁଧ କିମ୍ବା ରିହାତି ସୁଧ ରେ ଋଣ ମିଳିପାରୁନାହିଁ। ବାରମ୍ବାର ଏହି ଅର୍ଥକାରୀ ଫସଲ କ୍ଷତିଗ୍ରସ୍ତ ହେଉଥିବାରୁ ଅନେକ ଚାଷୀ ପରିବାର ପାନ ଚାଷରୁ ମୁହଁ ଫେରାଇ ବାହାର ରାଜ୍ୟକୁ ଦାଦନ ଖଟିଯିବାକୁ ବାଧ୍ୟ ହେଉଛନ୍ତି। ଆଜି ପର୍ଯ୍ୟନ୍ତ ପାନ ଚାଷ ସହିତ ଏହି ଚାଷରେ ବ୍ୟବହୃତ ହେଉଥିବା ଖଡ଼ି, ଇକଡ଼ ଚାଷ କୁ ସରକାରୀ ଭାବେ କୃଷିର ମାନ୍ୟତା ମିଳିପାରି ନାହିଁ। ଯାହା ଫଳରେ ପ୍ରାକୃତିକ ବିପର୍ଯ୍ୟୟ ରେ କ୍ଷତିଗ୍ରସ୍ତ ଫସଲର କ୍ଷତିପୂରଣ ସହିତ ରିହାତି ଦରରେ କିମ୍ବା ବିନା ସୁଧରେ କୃଷି ଋଣ ମିଳୁନାହିଁ।ସରକାର ପରେ ସରକାର ବଦଳୁଛନ୍ତି, ମାତ୍ର ଏଠାକାର ଚାଷୀ ମାନେ ମଧ୍ୟ ଏହି ପାନଚାଷକୁ ସ୍ଥାନୀୟ ଜନ ପ୍ରତିନିଧି ଙ୍କ ଜରିଆରେ ଦୀର୍ଘ ବର୍ଷ ଧରି କେନ୍ଦ୍ର ସରକାରଙ୍କ ଠାରେ ଦାବି କରି ଆସୁଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଚାଷୀ ମାନଙ୍କ ଦୁଃଖ ଦୂର ହୋଇପାରୁ ନଥିଲା। ତେବେ ଗତ ୨୦୨୩ ଜୁନ ମାସରେ ଏଠାକୁ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଭୋଗରାଇ ଗସ୍ତରେ ଆସିବା କାର୍ଯ୍ୟକ୍ରମ ଥିଲା ବେଳେ ସମାଜସେବୀ ତଥା ବିଜେଡି ରାଜ୍ୟ ମୁଖପାତ୍ର ଗୌତମବୁଦ୍ଧ ଦାସଙ୍କ ପରାମର୍ଶ କ୍ରମେ ଜଳସୋହରିଆ ପାନ ଚାଷୀ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଶ୍ରୀ ପାଣ୍ଡିଆନଙ୍କୁ ଭେଟି ପ୍ରଦାନ କରିଥିଲେ। ଅର୍ଥକାରୀ ଫସଲ ପାନ ଚାଷକୁ କୃଷିର ମାନ୍ୟତା ଦାବୀ ସହିତ କୃଷି ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା, ଚାଷୀଙ୍କ ପାଇଁ ବିନା ସୁଧରେ ଋଣ ପ୍ରଦାନ ସମ୍ପର୍କରେ ସଙ୍ଘ ପକ୍ଷରୁ ଗୋପାଳ ଚନ୍ଦ୍ର ସାହୁ, ହରିହର ତ୍ରିପାଠୀ, ବ୍ରଜ ଗୋପାଳ ଦାସ, ଲାକ୍ଷ୍ମୀକାନ୍ତ ଆଧେକ, ଅନୀଲ ଦାସ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ଶ୍ରୀ ପାଣ୍ଡିଆନଙ୍କୁ ଭେଟି ଉପରୋକ୍ତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ବିଜେଡି ମୁଖପାତ୍ର ଶ୍ରୀ ଦାସ ମଧ୍ୟ ଭୁବନେଶ୍ୱର ଠାରେ ଏହି ଦାବି ସମ୍ପର୍କରେ କାର୍ତ୍ତିକ ପାଣ୍ଡିଆନଙ୍କ ସହ ଆଲୋଚନା କରିଥିଲେ।ଫଳ ସ୍ୱରପ କିଛି ମାସ ପୂର୍ବରୁ ରାଜ୍ୟ ସରକାର ପାନ ଚାଷୀ ଙ୍କ ପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଘୋଷଣା କରିଥିଲେ। ତାହା ଏବେ କାର୍ଯ୍ୟକାରୀ ହେବାକୁ ଯାଉଥିବା ଶୁଣି ପାନ ଚାଷୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ପାନ ଚାଷ ରୁ ମୁହଁ ଫେରାଇ ନେଇଥିବା ଚାଷୀ ମାନେ ପୁଣି ଚାଷକରିବାକୁ ମନ ବଳାଇ ଥିବା ପ୍ରକାଶ କରିଛନ୍ତି। ତାଛଡା ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହିତ ପାନ ଚାଷ ସହିତ ସମ୍ପୃକ୍ତ ଥିବା ଖଡ଼ି ଓ ଇକଡ଼ ଚାଷ କୁ ମଧ୍ୟ ସରକାରୀ ପ୍ରୋତ୍ସାହନ ଯୋଗାଇବାକୁ ଦାବି କରିଛନ୍ତି।

## ବାଗୁଡ଼ି ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ସୋର, ୩୧।୧(ସମିସ):** ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ନୋଡାଲ ବିଦ୍ୟାଳୟର ପ୍ରତିଷ୍ଠାତା ଭାଗୀରଥି ଜୟନ୍ତୀ ଅବସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ୍ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ବାଗୁଡ଼ି ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧକ୍ଷ ସୁଶାନ୍ତ କୁମାର ସେଠୀ ଯୋଗଦେଇ କହିଲେ ଯେ ସାଧନା ଜାରି ରଖିଲେ ମେଧାବୀ ଛାତ୍ରଠାରୁ ସାଧାରଣ ପିଲାଟିଏ ମହତ୍ତର କାର୍ଯ୍ୟକରିପାରେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଗଦାଧର ମହାପାତ୍ର, ପରିଚଳନା କମିଟି ସଭାପତି ମୃତ୍ୟୁଞ୍ଜୟ ଜେନା, ଯୋଗେନ୍ଦ୍ର ଜେନା ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଜୟପ୍ରଦା ନାଏକ ଏବଂ ଶିକ୍ଷକ ରଘୁନାଥ ସାହୁଙ୍କୁ ଶିକ୍ଷକ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଶ୍ରୀମତୀ ନାଏକ ବିବରଣୀ ପାଠ କରିଥିଲେ। ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ରାଜପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଅଖିଳରାମ ଜେନା, ସମ୍ମାନିତ ଅତିଥି ଭାବେ ଗଜେନ୍ଦ୍ର ପ୍ରସାଦ ନାୟକ, ଦୟାନିଧି ମଲ୍ଲିକ, ରମାକାନ୍ତ ଭୋଳ, ଯଦୁନାଥ ମଲ୍ଲିକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପଦ୍ମନାଭ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜାମଶୂଳୀ କଲେଜରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ




**ଲଙ୍ଗଳେଶ୍ୱର ୩୧।୧ (ସମିସ) :** ଜାମଶୂଳିସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗୀତାର ଉଦଯାପନୀ ଉତ୍ସବ ମଙ୍ଗଳବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରାଧାପକ ଉମେଶ ଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବ ରେ ପ୍ରାଧାପକ ଦେବ ବ୍ରତ ଦାସ ମଞ୍ଚ ଆହ୍ୱାନ, ନୋଡାଲ ଅଫିସର ପ୍ରାଧାପକ ଦିବ୍ୟ ଇନ୍ଦୁ ଗିରି ଅତିଥି ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ବରିଷ୍ଠ କବି ସୁକୁମାର ଦାସ, ମୁଖ୍ୟ ବକ୍ତା ଭାବରେ ଶିକ୍ଷାବିତ ଡ. ବିଜୟ ଦେ, ସମ୍ମାନିତ ଅତିଥି ଭାବରେ ଧ୍ରୁବ ଚରଣ ସଂସ୍କୃତ କଲେଜର ଅଧକ୍ଷ ପଣ୍ଡିତ ପ୍ରିୟବ୍ରତ ପଣ୍ଡା, ପରିଚାଳନା କମିଟିର ସଭାପତି ସୃଷ୍ଟିଧର ପାତ୍ର ପ୍ରମୁଖ ଯୋଗ ଦେଇ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଭକ୍ତର ଭଗବାନ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଡ. ଶିବ ନାରାୟଣ ମହାପାତ୍ର, ପ୍ରାଧାପକ ସଂଗ୍ରାମ କେଶରୀ ନାୟକ, ଡ. ସୁକାନ୍ତ ଗିରି, ପରମାନନ୍ଦ ମହାନ୍ତି, ବାଙ୍କିମ ଚନ୍ଦ୍ର ମୈକାପ, ପଦାର୍ଥ ବିଜ୍ଞାନ ବିଭାଗ ଅଧାପକ ପ୍ରଭାତ ରଞ୍ଜନ ଦାସ, ତାପସ ତନୟ ନନ୍ଦୀ, ଶ୍ରୀକାନ୍ତ ମହାପାତ୍ର, ଲିପିକା ମାନ୍ନା, ବଂଶୀଧର ନାୟକ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।ନୋଡାଲ ଅଫିସର ପ୍ରାଧାପିକା ଲିପିକା ଜାନା ଧନ୍ୟବାଦ ଅର୍ପଣ କରିଥିଲେ।

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ସୋର, ୩୧।୧(ସମିସ):** ସୋର ପୌରପାଳିକା ଅନ୍ତର୍ଗତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧକ୍ଷ ରଞ୍ଜନ କୁମାର ମହାନ୍ତି ସଭାପତିତ୍ୱ କରି ଛାତ୍ରୀଙ୍କୁ ଅପ୍ରୀତିକର ପରିସ୍ଥିତିର ଉଚିତ ମୁକାବିଲା କରିବାର କ୍ଷମତା ଏହି ଶିବିରରୁ ବୃଦ୍ଧି ହୋଇଥାଏ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ +୩ ମହିଳା ମହାବିଦ୍ୟାଳୟର ଅଧକ୍ଷ ବୃନ୍ଦାବନ ରାଉଳ ଯୋଗଦେଇ ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣର ଉପକାରିତା ବାବଦରେ ବୁଝାଇଥିଲେ। ଏହି ଶିବିର ଜାନୁଆରୀ ୧୮ ତାରିଖରୁ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହୋଇଥିଲା। ମାଷ୍ଟର ଟ୍ରେନର ଭାବେ ଆଦ୍ୟାଶା ଦାସ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପ୍ରାଧାପିକା ଅଞ୍ଜଳି ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ କ୍ରୀଡା ଶିକ୍ଷୟିତ୍ରୀ ରଶ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ସ୍ମୃତିସଭା

**ବାଲିଆପାଳ, ୩୧।୧(ସମିସ):** ଜଣେ ରାଜନେତା ପାଇଁ ଜନସାଧାରଣଙ୍କ ବିଶ୍ୱାସ ଓ ଭଲପାଇବା ଶ୍ରେଷ୍ଠ ସମ୍ପତ୍ତି। ଜନସାଧାରଣଙ୍କ ସମସ୍ୟା ସହିତ ସବୁ ବେଳେ ନିଜକୁ ଜଡିତ ରଖି ଅଞ୍ଚଳର ବିକାଶ କଥା ଚିନ୍ତା କରୁଥିବା ଏବଂ କ୍ଷମତାରେ ନଥାଇ ମଧ୍ୟ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିପାରୁଥିବା ରାଜନେତା ଥିଲେ ସ୍ୱର୍ଗତ ଜୟନାରାୟଣ ମହାନ୍ତି। ନିଜର କର୍ମ ପାଇଁ ଜୟନାରାୟଣ ମହାନ୍ତି ସବୁ ଦିନ ଅମର ରହିବେ ବୋଲି ତାଙ୍କ ଏକାଦଶାହ କ୍ରିୟାରେ ଆୟୋଜିତ ଶୋକ ସଭାରେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି। ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ହାସିମପୁରସ୍ଥିତ ବାସଭବନରେ ଏକାଦଶାହ କ୍ରିୟା ପରିପ୍ରେକ୍ଷୀରେ ଦିବସ ବ୍ୟାପି ଆୟୋଜିତ ଶୋକ ସଭାରେ ଜିଲ୍ଲା ତଥା ଜିଲ୍ଲା ବାହାରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ କରିଛନ୍ତି। ସ୍ୱର୍ଗତ ମହାନ୍ତିଙ୍କ ଭଣଜା ସହକାରୀ ପ୍ରାଧାପକ ଡ. ସୁଶାନ୍ତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସ୍ମୃତି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ବିଜୁ ମହିଳା ଜନତା ଦଳ ରାଜ୍ୟକାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା, କବି କାଳିପଦ ପଣ୍ଡା, ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, କୃଷକ ନେତା ଅରୁଣ ଜେନା, ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର, ଭୋଗରାଇ ବିଜେପି ନେତା ଅଂଶୁମାନ ମହାନ୍ତି, ଅରବିନ୍ଦ ବେହେରା, ଶ୍ରୀଗୋପୀନାଥ ସୂତାକଳର ପୂର୍ବତନ ମ୍ୟାନେଜିଂ ଡାଇରେକ୍ଟର ଭରତ ଚନ୍ଦ୍ର ମହାନ୍ତି, ପ୍ରାକ୍ତନ ଅଧକ୍ଷ ହୃଦୟରଞ୍ଜନ ତ୍ରିପାଠୀ, କୁଞ୍ଜକାନ୍ତ ପାତ୍ର, ସୁଧାଂଶୁ ଶେଖର ଜେନା ତଥା ଶ୍ରଦ୍ଧାକ୍ଷେତ୍ର ପରିଚାଳନା କମିଟିର ସମସ୍ତ ସଦସ୍ୟ ସ୍ୱର୍ଗତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସମସ୍ତ କାର୍ଯ୍ୟ ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର ସତ୍ୟକାମ ଓ ଦିବ୍ୟକାମ ତଥା ପରିବାର ବର୍ଗଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।

## ଡାକ୍ତରଖାନା ଫାଟକ ସାମ୍ନାରେ କୁଢ଼ କୁଢ଼ ଆବର୍ଜନା



**ରାଜବରହମପୁର, ୩୧।୧ (ସମିସ):** ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱିତୀୟ ଫାଟକ ସମ୍ମୁଖରେ କୁଢ଼କୁଢ଼ ଅଳିଆ ଆବର୍ଜନା ଗଦା ହୋଇଛି। ବିଭିନ୍ନ ଅନୁଷ୍ଠାନର ବ୍ୟାନର, ପୋଷ୍ଟର ଲଗାଇବା ଦ୍ୱାରା ଫାଟକଟି ଅପନ୍ତରା ହୋଇ ପଡ଼ିଛି। ଧୀରେ ଧୀରେ ଫାଟକଟି କଳଙ୍କି ଲାଗି ନଷ୍ଟ ହୋଇଯିବାକୁ ବସିଲାଣି। ଉକ୍ତ ଡାକ୍ତରଖାନାଟି ବଣସୀମା ଅଞ୍ଚଳର ୧୧ଟି ପଞ୍ଚାୟତ ଏବଂ ପଡୋଶୀ ମୟୂରଭଞ୍ଜ ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ଲୋକେ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ବରହମପୁର ବଣସୀମା ଅଞ୍ଚଳର ପ୍ରମୁଖ କେନ୍ଦ୍ରସ୍ଥଳୀ ହୋଇଥିବାବେଳେ କିଛି ସରକାରୀ ଦପ୍ତର ମଧ୍ୟ ରହିଛି। ସରକାରୀ ଅଧିକାରୀ, ସ୍ଥାନୀୟ ସରପଞ୍ଚ କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କ ନଜରରେ ଦ୍ୱିତୀୟ ଫାଟକ ସମ୍ମୁଖରେ ଅଳିଆ ଗଦା ହୋଇଥିବା ନଜରକୁ ଆସୁନାହିଁ। କୌଣସି କାରଣରୁ ଯଦି ଉକ୍ତ ହସ୍ପିଟାଲର ମୁଖ୍ୟ ଫାଟକଟି ଅକାମୀ ହୋଇ ବନ୍ଦ ପଡେ ଏବଂ ଦ୍ୱିତୀୟ ଫାଟକଟି ଏଭଳି ଅବସ୍ଥାରେ ଅଳିଆ ଆବର୍ଜନାରେ ପୋତି ହୋଇ ପଡ଼ିଥାଏ ତାହେଲେ ସ୍ୱାସ୍ଥ୍ୟସେବା ପାଇବାକୁ ଆସୁଥିବା ଲୋକଙ୍କର ଅବସ୍ଥା କ'ଣ ହେବ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ତେଣୁ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ସମେତ ସ୍ଥାନୀୟ ସରପଞ୍ଚ ଏବଂ ବଜାର କମିଟି ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଅଳିଆ ହଟାଇବା ସହିତ ଅବରୋଧ କରିଥିବା ବ୍ୟାନର ପୋଷ୍ଟର ହଟାଇ ଉକ୍ତ ଫାଟକକୁ ବ୍ୟବହାର ଉପଯୋଗୀ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ସଦନର ବାର୍ଷିକ ଉତ୍ସବ

**ବସ୍ତା ବ୍ଲକ, ୩୧।୧ (ସମିସ) :** ଛାତ୍ର ଜୀବନର ପୂର୍ଣ୍ଣାଙ୍ଗ ଶିକ୍ଷା କହିଲେ ବିଦ୍ୟା ଆରୋହଣ ସହ ଶାରୀରିକ, ମାନସିକ, ଆଧାତ୍ମିକ ସହ ସମସ୍ତ ଗୁଣାତ୍ମକ ଶିକ୍ଷା ଜୀବନରେ ପୂର୍ଣ୍ଣତା ଆଣିଥାଏ ବୋଲି ବସ୍ତାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ସଦନ, ଶ୍ରୀ ଅରବିନ୍ଦ ଶିକ୍ଷା ସଦନ ଉ ପ୍ରା ବିଦ୍ୟାଳୟ, ଶ୍ରୀମା ଅରବିନ୍ଦ ଲଳିତ କଳା ମହାବିଦ୍ୟାଳୟ ମିଳିତ ସହଯୋଗରେ ଅନୁଷ୍ଠିତ ୩୬ ତମେ ବାର୍ଷିକ ଉତ୍ସବ ରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ସ୍କୁଲ ର ଆଦ୍ୟ ସଦସ୍ୟ ଖଗେନ୍ଦ୍ର ନାଥ ପରିଡ଼ାଙ୍କ ଅଧକ୍ଷତାରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ବସ୍ତା ବିଇଓ ସୁଧାଂଶୁ ଶେଖର ଜେନା, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଡ. ଦିଲ୍ଲୀପ ଭୋଇ, ସମ୍ମାନିତ ଅତିଥି ଭାବେ ହିମାଦ୍ରି ଶେଖର ମହାନ୍ତି, ସ୍କୁଲର ସମ୍ପାଦକ ସତ୍ୟ ନାରାୟଣ କର୍ଣ୍ଣନି, ସତ୍ୟନାରାୟଣ ଗୁପ୍ତା, ମନୋଜ ମହାନ୍ତି, ଶିକ୍ଷାବିତ ସତ୍ୟବ୍ରତ ମହାପାତ୍ର, ଚିତ୍ତ ରଞ୍ଜନ କର, ପ୍ରଭାକର ସାହୁ, ସ୍କୁଲର ଅଧକ୍ଷ ଅଭିରାମ ପରିଡ଼ା ଦେଇ ବକ୍ତବ୍ୟ ପ୍ରଦାନ କରିଥଲେ। ସତ୍ୟନାରାୟଣ କର୍ଣ୍ଣନୀ ବିବରଣୀ ପାଠ କରିଥିଲେ। ସଭା ପରେ ସ୍କୁଲ୍ ର ବିଭିନ୍ନ ବିଭାଗ ର କୃତୀ ଛାତ୍ର ଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥଲେ। ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ

## ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




**ବାହାନଗା, ୩୧।୧(ସମିସ) :** ବାହାନଗା ବ୍ଲକ ଜାଗେଶ୍ୱରପଦାସ୍ଥିତ ଭଗବାନ ଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟରେ ପୃଥକ ଭାବେ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଉତ୍ସବ ଓ ଚତୁର୍ଦ୍ଦଶ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିରର ଉଦଯାପନୀ ସଭାରେ ସଭାପତି ଡ. ଯଦୁନାଥ ମିଶ୍ର ଏବଂ ମହାବିଦ୍ୟାଳୟର ଅଧକ୍ଷ ଦିବାକର ଦାଶ ଛାତ୍ରଛାତ୍ରୀ ଏହି ପ୍ରଶିକ୍ଷଣ ଶିବିରରୁ ଶିଖିଥିବା ଆଖରକ୍ଷା କୌଶଳକୁ ସମୟାନୁସାରେ ପ୍ରୟୋଗ କରିବା ପାଇଁ କହିଥିଲେ। ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିରରେ ପ୍ରଶିକ୍ଷିକା ଭାବେ ସୁଭଦ୍ରା ପାଢ଼ୀ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ବାବଦରେ ବିଭିନ୍ନ କୌଶଳ ବାବଦରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରକୁ ଶ୍ରୀମରାଣୀ ଦାସ ପରିଚାଳନା କରିଥିଲେ। ଏଥିସହିତ ମହାବିଦ୍ୟାଳୟରେ ଚତୁର୍ଦ୍ଦଶ ଜାତୀୟ ମତଦାତା ଦିବସ ଡ଼ଃ ଯଦୁନାଥ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରଛାତ୍ରୀଙ୍କୁ ଏହି ଦିବସର ଆବଶ୍ୟକତା ଓ କର୍ତ୍ତବ୍ୟ ସମ୍ପର୍କରେ ଅଧକ୍ଷ ଦିବାକର ଦାଶ, ପ୍ରାଧାପକ କ୍ଷୀରୋଦ ନାୟକ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅଧାପିକା ବିଜୟଲକ୍ଷ୍ମୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ସ୍ୱାମୀର ଜୀବନ ବଞ୍ଚାଇବା ପାଇଁ ଭିକ ମାଗୁଛି ସ୍ତ୍ରୀ

- କର୍କଟ ରୋଗ ଯନ୍ତ୍ରଣାରେ ଛଟପଟ ଜୀବନ
- ସରକାରୀ ସହାୟତା ପାଇଁ ଆକୁଳ ନିବେଦନ



**ବାହାନଗା, ୩୧।୧(ସମିସ) :** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଅଭଣା ପଞ୍ଚାୟତ ଆଳଦା ଗ୍ରାମର ସଚିନ୍ଦ୍ର ଜେନାଙ୍କ ପୁଅ ଜୀବନ (୪୭) ମୁଖ କର୍କଟ ରୋଗରେ ଆକ୍ରାନ୍ତ। ଅସହ୍ୟ ହେଉଛି ରୋଗ ଯନ୍ତ୍ରଣା।ସ୍ୱାମୀର ଜୀବନ ବଞ୍ଚାଇବାକୁ କଇଁକଇଁ ହୋଇ କାନ୍ଦିବା ସହ କାନି ପାତି ଭିକ ମାଗୁଛି ସ୍ତ୍ରୀ ରୁନା ମାଝୀ। ମୁଖ କର୍କଟ ରୋଗରେ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିବା ସ୍ୱାମୀ ଜୀବନର ଜୀବନ ବଞ୍ଚାଇବାକୁ ସ୍ତ୍ରୀର ବିକଳ କାନ୍ଦ ସ୍ତ୍ରୀ କାନ୍ଦୁଛି, ଆଉ କୋଳରେ ସାଢ଼େ ୫ ବର୍ଷର କଅଁଳା ଝିଅ ଜୁଳୁ ଜୁଳୁ ହୋଇ ଚାହିଁଛି। ମଜୁରୀ ଲାଗି ଘର ଚଳାଉଥିବା ସ୍ୱାମୀ ଜୀବନ ଶଯ୍ୟାଶାୟୀ ହୋଇଥିବା ବେଳେ ସ୍ତ୍ରୀ ଏବଂ ଝିଅ ଅସହାୟ ହୋଇପଡ଼ିଛନ୍ତି। ସ୍ୱାମୀକୁ ବଞ୍ଚାଇବାକୁ ସବୁ ଚେଷ୍ଟା କରି ନିଃସ୍ୱ ହୋଇଯିବା ପରେ ଏବେ ସ୍ତ୍ରୀ ରୁନା ଘର ଘର ବୁଲି କାନି ପାତି ଭିକ ମାଗୁଛନ୍ତି। ସମସ୍ତଙ୍କ ପାଦ ଛୁଇଁ ରୋଗାକ୍ରାନ୍ତ ସ୍ୱାମୀର ଜୀବନ ପାଇଁ ଗୁହାରୀ କରୁଛନ୍ତି।

ଖବର ଅନୁସାରେ ବାହାନଗା ବ୍ଲକ ଅଭଣା ପଞ୍ଚାୟତ ଆଳଦା ଗାଁର ଜୀବନ ଜେନା। ଜୀବନଙ୍କ ପରିବାର କହିଲେ ସ୍ତ୍ରୀ ରୁନା ଏବଂ ସାଢ଼େ ୫ ବର୍ଷର କଅଁଳ ଝିଅକୁ ନେଇ ତାଙ୍କର ସଂସାର। ଜୀବନ ୫ ବର୍ଷ ପୂର୍ବେ ନିଜ ପରିବାର ଚଳାଇବା ଦିଲ୍ଲୀରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। କରୋନା ମହାମାରୀ ପରେ କାମ ଛାଡ଼ି ଘରକୁ ଚାଲିଆସିଥିଲେ ଜୀବନ। ପରେ ପରବାର ଚଳାଇବା ପାଇଁ ଗତ ୨ ବର୍ଷ ଧରି ବାଙ୍ଗାଲୋରରେ ଠିକା ଶ୍ରମିକ ଭାବେ କମ୍ପାନୀରେ କାମ କରୁଥିଲେ। ପରିବାର ମଧ୍ୟ ହସ ଖୁସିରେ ଚଳି ଆସୁଥିଲା। ଗତ ୬ ମାସ ତଳେ ପାଟିରେ ଯନ୍ତ୍ରଣା ଅନୁଭବ କରିବାରୁ ବାଙ୍ଗାଲୋର ଏବଂ ପରେ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାରେ ପରୀକ୍ଷା ପରେ ସେ ମୁଖ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବାର ଜାଣିବାକୁ ପାଇଥିଲେ। ହଠାତ ପରିବାରରେ ଘୋଟି ଆସିଲା କଳା ବାଦଲ। ଏହା ବ୍ୟୟ ବହୁଳ ଚିକିତ୍ସା ହୋଇଥିବା ବେଳେ ଜୀବନଙ୍କ ପରିବାର ଗରିବ ପରିବାର ହୋଇଥିବାରୁ ସେ ଅସମର୍ଥ ହୋଇପଡ଼ିଛନ୍ତି। ଏମସ୍ ମେଡିକାଲରେ ସେ ଚିକିତ୍ସା ହେଉଥିବା ବେଳେ ବିଜୁ ସ୍ୱାସ୍ଥ୍ୟ କାର୍ଡରେ କେବଳ କେମୋ ପାଇଁ ୧୪ ହଜାର ଟଙ୍କା କଟୁଥିବା ବେଳେ ମେଡ଼ିସିନ ପାଇଁ ଅର୍ଥ ସାଜିଛି ବାଧକ। ଘରର ସୁନା ଗହଣା ବିକ୍ରି କରି ନିଜ ସ୍ୱାମୀର ଜୀବନ ବଞ୍ଚାଇବା ପାଇଁ ସଂଘର୍ଷ କରୁଛନ୍ତି ଜୀବନଙ୍କ ସ୍ତ୍ରୀ ରୁନା ମାଝୀ। ଏଭଳି ସ୍ଥିତିରେ ଗତ ୬ ମାସ ତଳେ କ୍ୟାନ୍ସରରେ ପୀଡିତ ହୋଇ ଜୀବନ ଏବେ ଶଯ୍ୟାସାୟୀ। ପରିବାରରେ ରୋଜଗାର ବୋଲି କିଛି ନାହିଁ। ଖାଦ୍ୟ ସୁରକ୍ଷା ଯୋଜନାରେ ସ୍ତ୍ରୀ ଏବଂ ଝିଅର ନାଁ ନାହିଁ, ଯୋଡିବା ପାଇଁ ଆବେଦନ ହୋଇଥିଲେ ସୁଦ୍ଧା ଯୋଗ ହୋଇପାରୁନାହିଁ। ରେସନ ଚାଉଳ ନପାଇବାରୁ ଖାଇବା ପାଇଁ ଚାଉଳ ମଧ୍ୟ ନାହିଁ, ଖାଦ୍ୟ ପାଇଁ ବାର ଦୁଆର ହେବାକୁ ପଡୁଛି। ଏପରି ସ୍ଥିତିରେ ସ୍ୱାମୀ ଜୀବନଙ୍କ କ୍ୟାନ୍ସର ରୋଗ ସ୍ତ୍ରୀ ଏବଂ କଅଁଳ ଝିଅର ଜୀବନ ଦୁର୍ବିସହ କରିଦେଇଛି। ମାଗି ଯାଚି ସ୍ୱାମୀଙ୍କୁ ଚିକିତ୍ସା କରିବା ପରେ ବି କିଛି ଲାଭ ନହେବାରୁ ଏବେ ରୁନାଙ୍କ ପାଖରେ ଆଉ କିଛି ଉପାୟ ନାହିଁ। ଶେଷରେ ବାଧ୍ୟ ହୋଇ ଘର ଘର ବୁଲି ସ୍ୱାମୀ ଜୀବନଙ୍କ ପାଇଁ ଭିକ ମାଗୁଛନ୍ତି ସ୍ତ୍ରୀ ରୁନା। ରୁନାଙ୍କ ଆଖିରୁ ଅନବରତ ଝରୁଛି ଲୁହ, ମାଆର ଲୁହ ଦେଖି ଅବୋଧ ଶିଶୁ ବା କ'ଣ ଜାଣିପାରିବ, ମାଆ କୋଳରେ କାନ୍ଦୁଛି। ଏପରି ସ୍ଥିତିରେ ଦୁନିଆଁ କ'ଣ ଜାଣିନଥିବା କୁନି ଝିଅଟିର ଅବସ୍ଥା କ'ଣ ହେବ ସେଇ ଚିନ୍ତାରେ ରୁନା। ତଥାପି ଏହି ଯନ୍ତ୍ରଣାଶକ୍ତ ପରିବାରର ଦୁଃଖ ଦେଖିବା ପରେ ଯଦି ପ୍ରଶାସନ ସାହାଯ୍ୟର ହାତ ବଢ଼ାନ୍ତେ, ତେବେ ଏହି ପରିବାରର ଦୁଃଖ କିଛି ମାତ୍ରାରେ ଲାଘବ ହୋଇପାରନ୍ତା। କେହି ସହୃଦୟ ବ୍ୟକ୍ତି ତଥା ଅନୁଷ୍ଠାନ ଜୀବନଙ୍କୁ ସାହାଯ୍ୟ କରିବାକୁ ଚାହୁଁଥିଲେ ରୁନା ମାଝୀଙ୍କ ବ୍ୟାଙ୍କ ଆକାଉଣ୍ଟ: ୩୨୬୬୯୭୯୮୩୩୧ ଆଇଏଫଏସସି କୋଡ୍: ଏସବିଆଇଏନ୦୦୦୬୪୧୧ରେ ସହାୟତା ରାଶି ଦେଇପାରିବେ।

